• Vol.- 46, Issue No. 128
• Friday, 7 August 2026
• ଶୁକ୍ରବାର, ୭ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com








# ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ


## ୪୦୦୦ କି.ମି. ପର୍ଯ୍ୟନ୍ତ ଶତ୍ରୁଙ୍କୁ ତ୍ରାହି ନାହିଁ

ନୂଆଦିଲ୍ଲୀ,୬।୮ : ଭାରତ ନିଜର ପରମାଣୁ କ୍ଷମତା ସମ୍ପନ୍ନ ବାଲିଷ୍ଟିକ ମିସାଇଲ କ୍ଷମତାକୁ ଆହୁରି ସଶକ୍ତ କରିଛି । ଗୁରୁବାର ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ 'ଅଗ୍ନି-୪'ର ସଫଳ ପରୀକ୍ଷଣ କରିଛି । ୬ ଅଗଷ୍ଟ ୨୦୨୬ରେ ଓଡ଼ିଶା ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟିଂ ରେଞ୍ଜ ଚାନ୍ଦିପୁରରୁ ଏହି ମିସାଇଲକୁ ସଫଳତାର ସହ ଉତକ୍ଷେପଣ କରାଯାଇଥିଲା । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଏହି ପରୀକ୍ଷଣରେ ମିସାଇଲର ସମସ୍ତ କାର୍ଯ୍ୟକ୍ଷମ ଏବଂ ବୈଷୟିକ ଦିଗକୁ ସଫଳତାର ସହ ଯାଞ୍ଚ କରାଯାଇଛି । ଏହି ପରୀକ୍ଷଣ ଷ୍ଟ୍ରାଟେଜିକ ଫୋର୍ସେସ୍ କମାଣ୍ଡ ଦ୍ୱାରା ସମ୍ପନ୍ନ ହୋଇଛି । ଷ୍ଟ୍ରାଟେଜିକ ଫୋର୍ସେସ୍ କମାଣ୍ଡ ଅଧୀନରେ ପରୀକ୍ଷଣର ଅର୍ଥ ହେଉଛି, ଏହି ମିସାଇଲ ଏବେ ସାମରିକ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହାର ନିର୍ଭରଯୋଗ୍ୟତା ପ୍ରମାଣିତ ହୋଇସାରିଛି । ଷ୍ଟ୍ରାଟେଜିକ ଫୋର୍ସେସ୍ କମାଣ୍ଡ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ରର ପରିଚାଳନା ପାଇଁ ଉତ୍ତରଦାୟୀ । ଅଗ୍ନି-୪ ହେଉଛି ଭାରତର ଅଗ୍ନି ମିସାଇଲ ଶ୍ରେଣୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଏକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ, ଯାହା ପ୍ରାୟ ୪୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ । ଚାନ୍ଦିପୁରରୁ କରାଯାଇଥିବା ଏହି ପରୀକ୍ଷଣରେ ମିସାଇଲ ନିର୍ଦ୍ଧାରିତ ପଥରେ ଉଡ଼ାଣ ଭରିବା ସହ ସମସ୍ତ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିଥିଲା । ସାମରିକ ଅଧିକାରୀମାନେ ଏହାକୁ ସମ୍ପୂର୍ଣ୍ଣ ସଫଳ ବୋଲି ଘୋଷଣା କରିଛନ୍ତି । ଏଭଳି ପରୀକ୍ଷଣ ନିୟମିତ ଭାବେ କରାଯାଇଥାଏ, ଯାହା ଦ୍ୱାରା ମିସାଇଲ ବ୍ୟବସ୍ଥାର ସଠିକତା, ନିର୍ଭରଯୋଗ୍ୟତା ଏବଂ ଯୁଦ୍ଧ କ୍ଷମତା ବଜାୟ ରହେ । ଅଗ୍ନି-୪ର ଏହି ସଫଳ ଉତକ୍ଷେପଣ ଭାରତର ପରମାଣୁ ନିରୋଧକ କ୍ଷମତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



# ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି

- ନିର୍ଭୁଲ୍ ହେବ ପାଣିପାଗ ପୂର୍ବାନୁମାନ
- ୨୨ଟି ଜିଲ୍ଲାକୁ ସମୁଦାୟ ୧୧୦କୋଟିର ଆର୍ଥିକ ସହାୟତା
- ୩୧୪ ବ୍ଲକରେ ଆଧୁନିକ ବ୍ୟବସ୍ଥା ସହ ମୁଖ୍ୟ କଣ୍ଟ୍ରୋଲ ରୁମ
- ତାଳ ଗଛ ଲଗାଇବା ନିମନ୍ତେ ୩୫କୋଟି ଟଙ୍କା ପ୍ରଦାନ



ଭୁବନେଶ୍ୱର,୬।୮: ଲୋକସେବା ଭବନ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ବିଭିନ୍ନ ସ୍ଥାନରେ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବନ୍ୟା ପରେ ପରେ କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ ହେବା ସହ ବିଭିନ୍ନ ସ୍ଥାନରୁ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ଆସୁଛି । ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବନ୍ୟା ଜଳ ଛାଡ଼ିବାର ୭୨ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ଆକଳନ ଅବ୍ୟାହତ ରହିଛି । ଇତିମଧ୍ୟରେ ପ୍ରଭାବିତ ୨୨ଟି ଜିଲ୍ଲାକୁ ସମୁଦାୟ ୧୧୦କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତନ୍ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ୨୨.୦୩ କୋଟି, ଯାଜପୁରକୁ ୨୦.୨୦ କୋଟି, ଭଦ୍ରକକୁ ୨୦.୧୨କୋଟି, ଜଗତସିଂହପୁରକୁ ୮.୧୮କୋଟି, କେନ୍ଦୁଝରକୁ ୬.୧୧ କୋଟି, ସମ୍ବଲପୁରକୁ ୫.୫୬କୋଟି, କେନ୍ଦ୍ରାପଡ଼ାକୁ ୫.୦୪କୋଟି, ମୟୁରଭଞ୍ଜକୁ ୫.୦୨କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ମନ୍ତ୍ରୀ କହିଛନ୍ତି ଯେ, ଗତ ବର୍ଷ ଜୁଲାଇ ମାସ ଅପେକ୍ଷା ଚଳିତ ବର୍ଷ ଜୁଲାଇ ମାସରେ ୬୫% ଅଧିକ ବୃଷ୍ଟିପାତ ହୋଇଥିବାବେଳେ କେତେକ ସ୍ଥାନରେ ୯୭% ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ମଧ୍ୟ ହୋଇଛି । ଏଥିସହ ଆସନ୍ତାକାଲି ସନ୍ଧ୍ୟାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ପ୍ରଭାବିତ ଅଞ୍ଚଳର ଜିଲ୍ଲା ପ୍ରଶାସନ, ବିଡିଓ, ତହସିଲଦାରମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ବୈଠକରେ ଆଲୋଚନା କରିବେ । ବନ୍ୟାର ପ୍ରକୋପ ହ୍ରାସ, ବିଭିନ୍ନ ସ୍ଥାନରେ ସୃଷ୍ଟ ଘାଇର ମରାମତି, ନଦୀଶଯ୍ୟା ସଫା ଏବଂ ଗଭୀର କରିବା ଆଦି ସମ୍ପର୍କରେ ଆଲୋଚନା କରାଯିବ । ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଗଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ବିଭିନ୍ନ ପ୍ରଭାବିତ ଜିଲ୍ଲାମାନଙ୍କୁ ଗସ୍ତ କରି କ୍ଷେତ୍ରସ୍ତରରେ ବନ୍ୟା ପରିଚାଳନା ଏବଂ କ୍ଷୟକ୍ଷତି ଆକଳନ ସମ୍ପର୍କରେ ତଦାରଖ କରି ରିପୋର୍ଟ ପ୍ରଦାନ କରିଛନ୍ତି । ତଦନୁସାରେ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ତ୍ୱରାନିତ କରାଯିବାକୁ ନିଷ୍ପତ୍ତି ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମରତ ଅଛନ୍ତି । ବର୍ତ୍ତମାନ ପ୍ରାୟ ୫୭୩କିମିର ଉପକୂଳ ଅଞ୍ଚଳରେ ୧୨୨ଟି ଟାୱାର ଅବସ୍ଥାପିତ ଥିବାବେଳେ ତାହାର ଆଧୁନିକୀକରଣ ସହ ପ୍ରତ୍ୟେକ ଟାୱାରରେ ୩୬୦ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି । ସାଟେଲାଇଟ୍ ଟେଲି କମ୍ୟୁନିକେସନ୍ ସିଷ୍ଟମ୍ ଦ୍ୱାରା ଏହି ସବୁ ଟାୱାର ଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ସହ ସମସ୍ତ ୩୧୪ଟି ବ୍ଲକରେ ଆଧୁନିକ ବ୍ୟବସ୍ଥା ସହ ମୁଖ୍ୟ କଣ୍ଟ୍ରୋଲ ରୁମରୁ ଆଗାମୀ ଦିନରେ ଉଚ୍ଚଗତିଶୀଳ ବ୍ୟବସ୍ଥା ସ୍ଥାପନ କରି ସୂଚନା ଆଦାନପ୍ରଦାନ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପମାନ ହାତକୁ ନିଆଯାଇଛି । ମନ୍ତ୍ରୀ କହିଛନ୍ତି, ଏ ସମସ୍ତ ଡପଲର୍ ରାଡାର୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ପାଣିପାଗ ପୂର୍ବାନୁମାନ ଆହୁରି ଶାଣିତ ଏବଂ ନିର୍ଭୁଲ୍ ହେବ । ରାଜ୍ୟର ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମିକୁଏହା ଆହୁରି ସୁଦୃଢ଼ କରିବ । ଏଥିସହ ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ସମୀକ୍ଷା କରାଯାଇ ଆଗାମୀ ଦିନରେ ଜଳଭଣ୍ଡାରମାନଙ୍କରେ ଜଳ ସଂରକ୍ଷଣ, ବିଭିନ୍ନ ନଦୀର ଜଳ ଆବଣ୍ଟନ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ସୁପରିଚାଳନା କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ବଜ୍ରପାତ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ମନ୍ତ୍ରୀ କହିଥିଲେ ଯେ, ବଜ୍ରପାତ ମୃତ୍ୟୁକୁ ରୋକିବା ନିମନ୍ତେ ଜଙ୍ଗଲ ବିଭାଗକୁ ସମସ୍ତ ଚାଷ ଜମିରେ ତାଳ ଗଛ ଲଗାଇବା ନିମନ୍ତେ ୩୫କୋଟି ଟଙ୍କା ପ୍ରଦାନ କରାଯାଇଛି । ଲଗାଣ ବର୍ଷାରେ ସହରାଞ୍ଚଳ ଜଳବନ୍ଦୀ ସମସ୍ୟା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇବା ନିମନ୍ତେ ଆଲୋଚନା ଚାଲିଛି। ଭୁବନେଶ୍ୱର ମହାନଗର ନିଗମ ଆଇଆଇଟି ରୁର୍କୀ ସହ ଏଥିନିମନ୍ତେ ଅନୁବନ୍ଧିତ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି।

# ତେଜପାଲଙ୍କୁ ୧୦ବର୍ଷ ଜେଲ୍

ମୁମ୍ବାଇ,୬।୮ : ତରୁଣ ତେଜପାଲଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି ବମ୍ବେ ହାଇକୋର୍ଟ । ତେହେଲକାର ପୂର୍ବତନ ସମ୍ପାଦକ ତରୁଣ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟ ଦଣ୍ଡ ପ୍ରଦାନ କରିଛନ୍ତି । ୨୦୧୩ ମସିହାର ଯୌନ ନିର୍ଯାତନା ମାମଲାରେ ତେହେଲକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବମ୍ବେ ହାଇକୋର୍ଟଙ୍କ ଗୋଆ ଖଣ୍ଡପୀଠ । ତାଙ୍କ ଓକିଲ ସର୍ବନିମ୍ନ ଦଣ୍ଡ ସହ ସରେଣ୍ଡର କରିବାକୁ ଅତିକମରେ ୮ ସପ୍ତାହ




ସମୟ ମାଗିଥିଲେ । ସୂଚନାଯୋଗ୍ୟ, ଗୋଆରେ ଆୟୋଜିତ ଥିଙ୍କଫେଷ୍ଟ କାର୍ଯ୍ୟକ୍ରମ ସମୟରେ ହୋଟେଲର ଲିଫ୍ଟ ଭିତରେ ଜଣେ କନିଷ୍ଠ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନା କରିଥିବା ଅଭିଯୋଗରେ ତେଜପାଲଙ୍କୁ କୋର୍ଟ ଦୋଷୀ କରିଛନ୍ତି । ତେଜପାଲଙ୍କୁ ଆଇପିସିର ଧାରା ୩୭୬(୨)(ଏଫ୍), ୩୭୬(୨)(କେ), ୩୫୪ଏ ଏବଂ ୩୫୪ବି ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି । ଧାରା ୩୭୬(୨) ଅନୁଯାୟୀ ସର୍ବନିମ୍ନ ୧୦ ବର୍ଷ ସଶ୍ରମ କାରାଦଣ୍ଡରୁ ଆରମ୍ଭ କରି ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ରହିଛି । ଜଷ୍ଟିସ୍ ଡ. ନୀଳା ଗୋଖଲେ ଏବଂ ଜଷ୍ଟିସ୍ ଅମିତ ଜାମସାଣ୍ଡେକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ପକ୍ଷର ଦୀର୍ଘ ଯୁକ୍ତି ଶୁଣିବା ପରେ ଏହି ନିଷ୍ପତ୍ତି ଶୁଣାଇଛନ୍ତି ।

# ଯାତ୍ରୀଙ୍କୁ ମିଳିବ 'ୱେ-ସାଇଡ୍ ଆମିନିଟିସ୍'

ଭୁବନେଶ୍ୱର,୬।୮ : ସଡ଼କ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଦୁର୍ଘଟଣାମୁକ୍ତ କରିବା ଦିଗରେ ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଏକ୍ସପ୍ରେସ୍ ୱେ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କରେ ଦୀର୍ଘ ଯାତ୍ରା କରୁଥିବା ଗାଡ଼ିଚାଳକ ତଥା ପର୍ଯ୍ୟଟକଙ୍କୁ ରାସ୍ତାକଡ଼ରେ ସର୍ବନିମ୍ନ ସୁବିଧା ପ୍ରଦାନ କରାଯିବ। ରାସ୍ତାକଡ଼ରେ ୱେ-ସାଇଡ୍ ଆମିନିଟିସ୍ ସେଣ୍ଟର (ସଡ଼କ ପାର୍ଶ୍ୱ ସୁବିଧା କେନ୍ଦ୍ର) ପ୍ରତିଷ୍ଠା ହେବ। ଗୁରୁବାର ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା କରିଥିଲେ। ଜାତୀୟ ରାଜପଥ, ଏକ୍ସପ୍ରେସ୍ ୱେ, ରାଜ୍ୟ ରାଜପଥ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କର ପ୍ରତି ୫୦ କିଲୋମିଟର ଅନ୍ତରରେ ୱେ-ସାଇଡ୍ ଆମିନିଟିସ୍ ସେଣ୍ଟର ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ରାସ୍ତାରେ ଯାତ୍ରା କରୁଥିବା ଟ୍ରାକ ଚାଳକ, ବସ୍‌ଯାତ୍ରୀ କିମ୍ବା ଚାରିଚକିଆ ଯାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏହି କେନ୍ଦ୍ରର ସୁବିଧା ନେଇପାରିବେ।

# ଜେନ୍-ଜି ଦେଶବିରୋଧୀ ନୁହନ୍ତି: ମୋହନ ଭାଗବତ

ମୁମ୍ବାଇ,୬।୮: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଗୁରୁବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ସମୟରେ ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଜେନ୍ ଜି ମାନଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଯଦି ଜେନ୍ ଜି ଆନ୍ଦୋଳନ କରୁଛନ୍ତି ତେବେ ସେମାନଙ୍କୁ ଦେଶ ବିରୋଧୀ ବୋଲି କହିବା ଠିକ୍ ନୁହେଁ। ଭାଗବତ କହିଛନ୍ତି, ଏହି ପିଢ଼ି ପୂର୍ବ ପିଢ଼ିଠାରୁ ଭିନ୍ନ ଏବଂ ଏମାନେ ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହାନ୍ତି। ଜେନ୍ ଜିଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଭାଗବତ କହିଛନ୍ତି, ଆମେ ଜେନ୍ ଜି ବୟସରେ ଥିବାବେଳେ ବଡ଼ମାନଙ୍କ କଥା ବିନା ପ୍ରଶ୍ନରେ ମାନୁଥିଲୁ। କିନ୍ତୁ ଆଜିର ଜେନ୍ ଜି ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହୁଛନ୍ତି। ଏହାର ପ୍ରତିବାଦ କରିବାର ମାନେ ନୁହେଁ ଯେ ସେମାନେ ଦେଶ ବିରୋଧୀ। ସେମାନେ ଆମର ନିଜ ଲୋକ, ଆମର ପରବର୍ତ୍ତୀ ପିଢ଼ି। ବର୍ତ୍ତମାନ ପିଢ଼ିଠାରୁ ଜେନ୍ ଜି ଏବଂ ଜେନ୍ ଆଲଫାମାନେ ଅଧିକ ସଚ୍ଚୋଟ। ମୁଁ ସେମାନଙ୍କୁ ଅନ୍ଧ ଭାବେ ବିଶ୍ୱାସ କରୁଛି ବୋଲି ଭାଗବତ କହିଛନ୍ତି। ଦେଶପ୍ରେମ ଓ ସମାଜସେବାର ସତ୍ୟନିଷ୍ଠ ବାର୍ତ୍ତା ସେମାନଙ୍କୁ ପ୍ରଭାବିତ କରିପାରେ ବୋଲି ଭାଗବତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ପେଲେଟ୍ ଗନ୍ ବ୍ୟବହାର



ସଂକ୍ରାନ୍ତରେ ଭାଗବତ କହିଛନ୍ତି, ଲାଠିଚାର୍ଜ କାହିଁକି ହେଲା ଏବଂ ପେଲେଟ୍ ଗନ୍ କାହିଁକି ବ୍ୟବହାର କରାଗଲା, ଏହାର କାରଣ ଅଧ୍ୟୟନ କରିବା ଆବଶ୍ୟକ। ଭାଗବତ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ କେବଳ ଗୋଟିଏ କିମ୍ବା ଦୁଇଟି ପରିବର୍ତ୍ତନ ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ଶିକ୍ଷାକୁ ବ୍ୟବସାୟରେ ପରିଣତ କରାଯିବା ଉଚିତ ନୁହେଁ। ସମସ୍ତଙ୍କୁ ସୁଲଭ ଶିକ୍ଷା ମିଳିବା ଦରକାର। ଭାରତର ବଜେଟରେ ଶିକ୍ଷା ପାଇଁ ବ୍ୟୟ ୬ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ବିଦ୍ୟାଳୟ ବିକାଶରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣ ଆବଶ୍ୟକ।

# ୮.୮୧ ଲକ୍ଷ ପରିବାର ପାଇବେ ଜୀବିକା ସହାୟତା

ଭୁବନେଶ୍ୱର,୬।୮: ମିଶନ ଶକ୍ତି ବିଭାଗ, ସେଣ୍ଟର ଫର ରିସର୍ଚ୍ଚ ଇନ୍ ସ୍କିମ୍ସ ଆଣ୍ଡ ପଲିସିସ୍ ଏବଂ ଏନ୍.ଏସ୍.ଇ ଫାଉଣ୍ଡେସନ୍ ମଧ୍ୟରେ "ଦୁଃସ୍ଥିତିଜନିତ ଦେଶାନ୍ତର ରୋକିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ବ୍ଲେସ୍ " କାର୍ଯ୍ୟକାରୀ କରିବା ନିମନ୍ତେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଜୀବିକା ମିଶନ ସହଯୋଗରେ ଏହି ତିନିବର୍ଷିଆ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଦେଶାନ୍ତର ପୂର୍ବରୁ ସମ୍ଭାବ୍ୟ ପରିବାରମାନଙ୍କୁ ଚିହ୍ନଟ କରି ସେମାନଙ୍କର ଜୀବିକା, ଦକ୍ଷତା ବିକାଶ, ଆର୍ଥିକ ସେବା ଓ ସରକାରୀ ଯୋଜନା ସହ ସଂଯୋଗ ସୁନିଶ୍ଚିତ କରି ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶାନ୍ତରର ମୂଳ କାରଣଗୁଡ଼ିକୁ ପୂର୍ବରୁ ଚିହ୍ନଟ




କରି ସମାଧାନ କରାଯିବ। ଏହି ପ୍ରକଳ୍ପଟି ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୬୯ଟି ବ୍ଲକରେ କାର୍ଯ୍ୟକାରୀ ହୋଇ ପ୍ରାୟ ୮.୮୧ ଲକ୍ଷ ଗ୍ରାମୀଣ ପରିବାର ଓ ୮୬,୪୬୮ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବ। ସ୍ୱୟଂ ସହାୟିକା ଗୋଷ୍ଠୀରୁ ଚୟନ କରାଯାଇ ୫୫୦ ଜୀବିକା ସଖୀ ଏହି ପ୍ରକଳ୍ପକୁ ସହାୟତା କରିବେ। ସ୍ୱୟଂ ସହାୟିକା ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ ଓ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ମାଧ୍ୟମରେ ଏହାର କାର୍ଯ୍ୟାନ୍ୱୟନ କରାଯିବ। ପ୍ରକଳ୍ପ ଅଧୀନରେ ଆପ୍ ମାଧ୍ୟମରେ ପାରିବାରିକ ସ୍ତରରେ ବିପଦାପନ୍ନତା ସର୍ବେକ୍ଷଣ, ସଂଘଗୁଡ଼ିକର ଦକ୍ଷତା ବୃଦ୍ଧି, ପରିବାରଭିତ୍ତିକ ଜୀବିକା ଯୋଜନା ପ୍ରସ୍ତୁତି, ବଜାର ଚାହିଦା ଅନୁଯାୟୀ ଦକ୍ଷତା ବିକାଶ ପ୍ରଶିକ୍ଷଣ, ଡିଜିଟାଲ୍ ବଜାର ପ୍ଲାଟଫର୍ମର ବିକାଶ ଏବଂ ଶ୍ରମିକଙ୍କ ପାଇଁ ଗନ୍ତବ୍ୟ ସ୍ଥାନରେ ସହାୟତା ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା ବିପଦାପନ୍ନ ପରିବାରଗୁଡିକୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଜୀବିକା, ଦକ୍ଷତା ବିକାଶ, ଋଣ ସୁବିଧା ଓ ସରକାରୀ ଯୋଜନାର ଲାଭ ସହ ସଂଯୋଗ କରାଯିବ। ଦେଶାନ୍ତର ଅନିବାର୍ଯ୍ୟ ହେଲେ ମଧ୍ୟ ଶ୍ରମିକମାନେ ନ୍ୟାୟସଙ୍ଗତ ମଜୁରି, ଆଇନଗତ ସହାୟତା ଓ ସାମାଜିକ ସୁରକ୍ଷାର ସୁବିଧା ପାଇବେ। ସେହିପରି ପ୍ରବାସୀ ପରିବାରର ଶିଶୁମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ପ୍ରାକ୍-ପ୍ରାଥମିକ ଶିକ୍ଷା ସେବାର ନିରନ୍ତରତା ସୁନିଶ୍ଚିତ ହେବ। ଏହି ପ୍ରକଳ୍ପ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସେମାନଙ୍କ ସଂଘଗୁଡ଼ିକୁ ଆହୁରି ସଶକ୍ତ କରି ମହିଳାଙ୍କ ଆର୍ଥିକ ସଶକ୍ତିକରଣକୁ ସୁଦୃଢ଼ କରିବ।


# ଶକ୍ତି ପରୀକ୍ଷାରେ ଶକ୍ତିଲାଭ



ଯୁଧିଷ୍ଠିର କପଟ ପଶାରେ ହାରିଯିବାରୁ ସର୍ତ୍ତ ଅନୁଯାୟୀ ପାଣ୍ଡବମାନେ ବନବାସରେ ଥାଆନ୍ତି। ବନବାସ କାଳରେ ଦିନେ ମହର୍ଷି ବେଦବ୍ୟାସ ସେମାନଙ୍କୁ ଭେଟି କହିଥିଲେ- ଯଦି ରାଜ୍ୟ ଫେରିବାକୁ ଚାହୁଁଥାଅ, ତା'ହେଲେ କୌରବଙ୍କ ସହ ଅବଶ୍ୟ ଯୁଦ୍ଧ କରିବାକୁ ପଡ଼ିବ। ଦୟା ଦେଖାଇ ସେମାନେ କେବେ ବି ତୁମକୁ ରାଜ୍ୟ ଫେରାଇବେ ନାହିଁ। ମୋ ବିଚାରରେ ମଧ୍ୟମ ପାଣ୍ଡବ ଅର୍ଜୁନ କଠୋର ତପସ୍ୟା ମାଧ୍ୟମରେ ଶିବଙ୍କ ଆଶୀର୍ବାଦ ଲାଭ କରିବା ଉଚିତ। ବେଦବ୍ୟାସଙ୍କ ପରାମର୍ଶ ଅନୁଯାୟୀ ଅର୍ଜୁନ କୈଳାସ ପର୍ବତ ନିକଟବର୍ତ୍ତୀ ଏକ ଜଙ୍ଗଲରେ ଘୋର ତପସ୍ୟା କଲେ। କୌରବମାନେ ଅର୍ଜୁନଙ୍କ ତପସ୍ୟା ସମ୍ପର୍କରେ ଜାଣିପାରି ପ୍ରମାଦ ଗଣିଲେ। ତପସ୍ୟାରେ ବିଘ୍ନ କରିବା ନିମନ୍ତେ ମୁକାସୁରକୁ ପ୍ରେରଣ କଲେ। ମୁକାସୁର ଭୟଙ୍କର ବାରହା ରୂପ ଧାରଣ କରି ତପସ୍ଥଳରେ ପହଞ୍ଚି ଅର୍ଜୁନଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲା। ଏହି ସମୟରେ ଜଣେ ଶିକାରୀ ସପନ୍ୀକ କାହୁଁ ଆସି ସେହି ସ୍ଥାନରେ ପହଞ୍ଚିଥିଲେ। ଶିକାରୀ ବାରହା ରୂପ ଧାରଣକାରୀ ମୁକାସୁର ଉପରକୁ ତୀର ଚାଳନା କରିଥିଲେ। ଠିକ୍ ଏହି ସମୟରେ ଘୋର ତପସ୍ୟାରେ ମଗ୍ନଥିବା ଅର୍ଜୁନ କୌଣସି ଜଙ୍ଗଲୀ ଜନ୍ତୁଙ୍କ ଉପସ୍ଥିତି ଅନୁଭବ କରିଥିଲେ। ତପସ୍ଥଳରୁ ଉଠି ଏତେ ଜୋର ତୀର ଚାଳନା କଲେ ବାରହା ସେହିଠାରେ ଟଳି ପଡ଼ିଥିଲା। ହେଲେ ଶିକାରୀଙ୍କ ତୀର ଲକ୍ଷ୍ୟଭ୍ରଷ୍ଟ ହୋଇ ଅର୍ଜୁନଙ୍କ ପାଦ ପାଖରେ ପଡ଼ିଥିଲା। ଅର୍ଜୁନ ମନେ ମନେ ଭାବିଲେ ମୁଁ ମାରିଥିବା ତୀର ବାରହାକୁ ମାରି ମୋ ନିକଟକୁ ଫେରି ଆସିଛି। ଏଇ ତୀର ମୋର। କିଛିକ୍ଷଣ ପରେ ଶିକାରୀଙ୍କ ପତ୍ନୀ ଅର୍ଜୁନଙ୍କ ନିକଟକୁ ଆସି ତୀରଟି ମାଗିଥିଲା। ଅର୍ଜୁନ ତୀରଟି ତାଙ୍କର ବୋଲି କହିବାରୁ ଶିକାରୀଙ୍କ ପତ୍ନୀ କ୍ରୋଧିତ ହୋଇ କହିଥିଲେ- ତୁମେ ଚୋର। ମୋର ତୀର ନ ଫେରାଇଲେ ତୁମକୁ ମୋର ସ୍ୱାମୀ ଯୁଦ୍ଧରେ ପରାସ୍ତ କରି ଉଚିତ ଶିକ୍ଷା ଦେବେ। ଶିକାରୀ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଅର୍ଜୁନ ଘନଘନ ତୀର ନିକ୍ଷେପ କରିଥିଲେ ପ୍ରତ୍ୟାକ୍ରମଣ କରି। ଧନୁର୍ଯୁଦ୍ଧ ଛାଡ଼ି ଦୁହେଁ ବାହୁଯୁଦ୍ଧ କରିଥିଲେ। ଅର୍ଜୁନ ଅନୁଭବ କଲେ ଶିକାରୀ ତାଙ୍କଠାରୁ ବଳବାନ। ଶିକାରୀ ଅର୍ଜୁନଙ୍କୁ ଧରାଶାୟୀ କରିଦେଇଥିଲେ। ଅର୍ଜୁନ ପରାଜିତ ହୋଇ ଶିବଶଙ୍କରଙ୍କୁ ସ୍ତୁତି କରିଥିଲେ। ତପସ୍ୟା ସ୍ଥଳରେ ସେ ପଡ଼ି ଗଢ଼ିଥିବା ମାଟିର ଲିଙ୍ଗକୁ ସ୍ତୁତି କରିଥିଲେ। ଅଚାନକ ଅର୍ଜୁନ ଅନୁଭବ କଲେ ସେହି ଲିଙ୍ଗ ଭିତରେ ଶକ୍ତିର ସତ୍ତା। ଆଖି ଖୋଲନ୍ତେ ଦେଖିଲେ ସ୍ୱୟଂ ଶିବଶଙ୍କର ଓ ମା' ପାର୍ବତୀ ସେଠାରେ ଦଣ୍ଡାୟମାନ। ଧରାଶାୟୀ ହୋଇଥିବା ଅର୍ଜୁନଙ୍କୁ ଉଠାଇ ଭଗବାନ ଶିବ କହିଥିଲେ- ବସ! ଶିକାରୀ ରୂପରେ ମୁଁ ତୁମର ଶକ୍ତି ପରୀକ୍ଷା ନେବାକୁ ଚାହୁଁଥିଲି। ଯୁଦ୍ଧରେ ତୁମେ ସର୍ବଦା ବିଜୟୀ ହେବ। ଏହା କହି ଅର୍ଜୁନଙ୍କୁ ପାଶୁପତ ଅସ୍ତ୍ର ଦାନ କରି କହିଥିଲେ- ଏହା ବିଶ୍ୱର ସର୍ବଶ୍ରେଷ୍ଠ ଅସ୍ତ୍ର। ତୁମେ ହିଁ କେବଳ ଏହାର ଅଧିକାରୀ ହେବାକୁ ଯୋଗ୍ୟ।



# ଶକ୍ତିଠାରୁ ଶ୍ରେଷ୍ଠ



ବାମନ ପୁରାଣର ଏହି ପ୍ରସଙ୍ଗ। ଏକଦା ମହାତେଜସ୍ୱୀ ପ୍ରହ୍ଲାଦ, ଋଷି ଚ୍ୟବନଙ୍କୁ କହିଥିଲେ- ମୁନିବର! ଆପଣ ପୃଥ୍ୱୀଲୋକର ଶ୍ରେଷ୍ଠ ଋଷିମାନଙ୍କ ମଧ୍ୟରୁ ଅନ୍ୟତମ। ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କ ଦର୍ଶନ ଲାଭରେ ସମର୍ଥ ହେଲି। ପୃଥ୍ୱୀ ଲୋକର କୌଣସି ଶ୍ରେଷ୍ଠ ତୀର୍ଥ ପରିଦର୍ଶନର ଆକାଙ୍କ୍ଷା ମନ ଭିତରେ ରହିଛି। ମୋତେ ସେ ବିଷୟରେ ଆପଣ ମାର୍ଗଦର୍ଶନ ଦିଅନ୍ତୁ। ଋଷି ଚ୍ୟବନ ପ୍ରହ୍ଲାଦଙ୍କୁ ନୈମିଷାରଣ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦୈତ୍ୟରାଜ ପ୍ରହ୍ଲାଦ ଦାନବମାନଙ୍କ ସହିତ ସେଠାକୁ ଯାତ୍ରା କରିଥିଲେ। ତୀର୍ଥ ସ୍ନାନ ପରେ ପ୍ରହ୍ଲାଦ ବନପ୍ରଦେଶରେ ଘୂରିବୁଲି ଏହାର ଶୋଭା ସନ୍ଦର୍ଶନ କରୁଥିଲାବେଳେ ଅକସ୍ମାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିଲେ- କୃଷ୍ଣ ମୃଗଚର୍ମ ଧାରଣ କରିଥିବା, ଜଟାଜୁଟଧାରୀ ଦୁଇ ମୁନି ତପସ୍ୟାରେ ବସିଛନ୍ତି। ତେବେ ଯେଉଁ ବିଶାଳକାୟ ଶାଳବୃକ୍ଷ ତଳେ ସେମାନେ ତପସ୍ୟାରତ ସେହି ବୃକ୍ଷ ଅନେକ ଦିବ୍ୟାସ୍ତ୍ର (ବାଣ) ଦ୍ୱାରା ପୂର୍ଣ୍ଣ ଭାବରେ ଆଚ୍ଛାଦିତ ଥିଲା। ମୁନି ଦ୍ୱୟଙ୍କର ପୃଷ୍ଠଦେଶରେ ମଧ୍ୟ ଦୁଇ ଦିବ୍ୟଧନୁ, ଅକ୍ଷୟ ତୂଣୀର ଥୁଆ ହୋଇଥିଲା। ପ୍ରହ୍ଲାଦ ଚକିତ ହୋଇ ପଚାରିଥିଲେ- ଦୁହିଁଙ୍କୁ ଦେଖିଲେ ମନେ ହେଉଛି ଦାମ୍ଭିକତାର ସହ ଧର୍ମ ବିନାଶକ କାର୍ଯ୍ୟ କରୁଛନ୍ତି। ଏକ ପକ୍ଷରେ ଜଟାଜୁଟଧାରୀ, ଭାର। ଅପର ପକ୍ଷରେ ଶ୍ରେଷ୍ଠ ଅସ୍ତ୍ର ସମୂହ ରଖିଛନ୍ତି। ଏହା ତ ବଡ଼ ବିଚିତ୍ର କଥା! ତପସ୍ୱୀ କହିଥିଲେ- ଦୈତ୍ୟରାଜ! ସାମର୍ଥ୍ୟବାନ ବ୍ୟକ୍ତି ଯାହା କିଛି ବି କାର୍ଯ୍ୟ କରିଥାନ୍ତି ତାହା ତାଙ୍କୁ ଶୋଭା ପାଇଥାଏ। ଏହାକୁ ଦାମ୍ଭିକତାପୂର୍ଣ୍ଣ ଉକ୍ତି ବୋଲି ଭାବି ପ୍ରହ୍ଲାଦ ପ୍ରତିଜ୍ଞା କଲେ ନିଜକୁ ସାମର୍ଥ୍ୟବାନ୍ କହୁଥିବା ଦୁହିଁଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଦର୍ପଚୂର୍ଣ୍ଣ କରିବେ। ବିଡ଼ମ୍ବନା ଏହା ଥିଲା ଯେ 'ଲୋକପତି- ନାରାୟଣ' (ମୁନିଦ୍ୱୟ)ଙ୍କ ଦ୍ୱାରା ପ୍ରହ୍ଲାଦ ପରାଜିତ ହୋଇ ପଛଘୁଞ୍ଚା ଦେଇଥିଲେ। ନିରାଶ ହୋଇ ବିଷ୍ଣୁଙ୍କ ଶରଣ ନେଇଥିଲେ। ବିଷ୍ଣୁ ଭଗବାନ କହିଥିଲେ- ପ୍ରହ୍ଲାଦ! ନାରାୟଣଙ୍କୁ ତୁମେ ପରାସ୍ତ କରିପାରିବନି, ସେ ଅଜେୟ। ସକଳ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା ବି ଅଜେୟ।' ପ୍ରହ୍ଲାଦ ନମ୍ରଭାବରେ କହିଥିଲେ- ହେଲେ ଭଗବାନ! ମୁଁ ପ୍ରକୃତ କଥା ଜାଣି ନପାରି ଆବେଗରେ ଯେଉଁ ପ୍ରତିଜ୍ଞା କରିଥିଲି (ମୁନିଦ୍ୱୟଙ୍କୁ ପରାସ୍ତ କରି ଦର୍ପଚୂର୍ଣ୍ଣ କରିବା) ତାହା କ'ଣ ହେବ? 'ଦାନବଶ୍ରେଷ୍ଠ! ଯେଉଁଠାରେ ଶକ୍ତି ପରାଜିତ ହୋଇଥାଏ ସେଠି ତ ଭକ୍ତି ବିଜୟୀ ହୋଇଥାଏ'- କହିଥିଲେ ବିଷ୍ଣୁ। ଯଦି ନାରାୟଣଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥାଅ ତ ଭକ୍ତିରେ ତାଙ୍କର ଆରାଧନା କର। ଏହା ତୁମ ପାଇଁ ସୁସାଧ୍ୟ। ମୁନିଦ୍ୱୟ ରୂପରେ ସେ ହିଁ ତ ସେଠାରେ ବିଶ୍ୱମଙ୍ଗଳ କାମନାରେ ତପସ୍ୟାରତ ଥିଲେ। ପ୍ରହ୍ଲାଦ ବଦରିକାଶ୍ରମ ଯାଇ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ଭଗବାନ ନର-ନାରାୟଣଙ୍କୁ ଭକ୍ତି-ଶ୍ରଦ୍ଧା ବଳରେ ତପଶ୍ଚରଣ ପୂର୍ବକ ବଶ କରିଥିଲେ।

# ମହାଭାରତରେ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା ଚମତ୍କାରୀ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଧ୍ୱନିରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଧ୍ୱନି କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କ ଆଶ୍ରମରେ ରଖିଦେଇଯାଇଥିଲେ ବୋଲି କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ



ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ଘରେ ଶିବଲିଙ୍ଗ ସ୍ଥାପନ ପୂର୍ବରୁ...

ଆମମାନଙ୍କ ଭିତରେ ଏମିତି ଅନେକ ଜଣ ଥିବେ ଯେଉଁମାନଙ୍କ ଘରେ ଶିବଲିଙ୍ଗ ପୂଜା ପାଉଥିବେ । ହିନ୍ଦୁ ଧର୍ମ ଅନୁସାରେ ଜଣେ ଚାହିଁଲେ ନିଜ ଘରେ ଶିବଲିଙ୍ଗ ରଖି ପୂଜା କରିପାରିବ । ତେବେ ଏହାର କିଛି ବିଶେଷ ବିଧି ରହିଛି । ଯାହାକୁ ପାଳନ କରିବାର ଆବଶ୍ୟକତା ରହିଛି । ନଚେତ୍





ଘରେ ଅନର୍ଥ ହେବାର ଯୋଗ ରହିଥାଏ । ଦେବଦେବ ମହାଦେବଙ୍କୁ ମନ୍ଦିରରେ ଯେଉଁଭଳି ଭାବେ ଷୋଡଶ ଉପଚାରରେ ପୂଜା କରାଯାଏ ଆମେମାନେ ଠାକୁର ଘରେ ପ୍ରତିଷ୍ଠା କରୁଥିବା ଲିଙ୍ଗକୁ ସେଭଳି ଷୋଡଶ ଉପଚାରରେ ପୂଜା କରିବା ସମ୍ଭବପର ହୋଇନଥାଏ । ଏଣୁ ପୁରାଣରେ ବର୍ଣ୍ଣିତ କେତେକ ରୀତିନୀତି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏନେଇ ମାର୍କେଣ୍ଡେୟ ପୁରାଣରେ କିଛି ନୀତିନିୟମ କଥା ଉଲ୍ଲେଖ କରାଯାଇଛି । ଯାହାକୁ ଅନୁପାଳନ କରି ଘରେ ଆପଣ ଶିବ ଆରାଧନା କରିପାରିବେ । ଘରେ ପ୍ରତିଷ୍ଠା ହେଉଥିବା ଶିବଲିଙ୍ଗର ଉଚ୍ଚତା ଯେପରି ଗୋଟିଏ ଆଙ୍ଗୁଳିରୁ ଅଧିକ ନହୁଏ ତା ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ କେଉଁ ଦର୍ଶନୀୟ ସ୍ଥାନକୁ ଯାଇଛନ୍ତି ଓ ସେଠାରେ ଆପଣଙ୍କୁ ଏକ ଶିବଲିଙ୍ଗ ପସନ୍ଦ ଆସୁଛି ତେବେ ଏମିତି ଶିବଲିଙ୍ଗକୁ ଘରକୁ ନେଇ ଆସନ୍ତୁ ନାହିଁ । ଏହି ଶିବଲିଙ୍ଗକୁ ଘରକୁ ଆଣିବା ପୂର୍ବରୁ କୌଣସି ଶିବ ମନ୍ଦିରରେ ପ୍ରତିଷ୍ଠା କରେଇ ଆଣନ୍ତୁ । ଲିଙ୍ଗକୁ ଅଭିଷେକ କରିବା ସମୟରେ ଲାଗି କରାଯାଇଥିବା ପାଣି ଓ ଦୁଗ୍ଧକୁ ଯେକୌଣସି ନଦୀରେ ପ୍ରବାହ କରିଦିଅନ୍ତୁ । ଭଗବାନ ଶିବଙ୍କୁ ଦୟାର ସାଗର ବୋଲି କୁହାଯାଇଥାଏ । ଗୋଟିଏ ମାତ୍ର ଲୋଟା ଜଳରେ ଦେବଦେବ ମହାଦେବ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କର ମନସ୍କାମନା ପୂରା କରିଥାନ୍ତି । ଏଣୁ ଆପଣ କୌଣସି ମନ୍ଦିର ଯାଇ ନପାରିଲେ ଘରେ ରହି ଶିବଙ୍କ ଆରାଧନା କରିପାରିବେ । ତେବେ ଆପଣ ପ୍ରତିଦିନ ବିଧିବଦ୍ଧ ଭାବେ ଶିବ ଭଗବାନଙ୍କ ପୂଜା କରନ୍ତୁ । ଯେଉଁମାନଙ୍କ ଘରେ ଶିବଲିଙ୍ଗ ରହିଛି ସେମାନେ ପ୍ରତିଦିନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ । ଏହାଛଡ଼ା ନିଜ ସାଧ୍ୟମତେ ଓ ଉଚିତ ସମୟରେ ଭଗବାନଙ୍କ ନିକଟରେ ଭୋଗ ଅର୍ପଣ କରନ୍ତୁ । ଶିବଲିଙ୍ଗକୁ ଅଭିଷେକ କରିବା ସମୟରେ କୌଣସି ପାତ୍ର ରଖନ୍ତୁ ଓ ଅଭିଷେକ ଜଳକୁ ସଂଗ୍ରହ କରନ୍ତୁ । ଏହି ଜଳ ତଳେ ପଡିଲେ ଅନିଷ୍ଟ ହୋଇଥାଏ । ମାର୍କଣ୍ଡ ପୁରାଣ ଅନୁଯାୟୀ ଦେବ ଦେବ ମହାଦେବ ଯେତେକି ଭୋଳା ସେତିକି କ୍ରୋଧୀ ମଧ୍ୟ । ଏଣୁ ତାଙ୍କ ପୂଜା ଓ ଆରାଧନା ସମୟରେ ଅନ୍ତତଃ ପକ୍ଷେ ନିୟମ ଓ ଶୁଦ୍ଧତା ପାଳନ କରିବାର ଆବଶ୍ୟକତା ରହିଛି ।

# କାନ ଯନ୍ତ୍ରଣାର ଘରୋଇ ଉପଚାର



କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।



**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ୍ୟ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ। ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ। ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ୍ୟ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।

**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ପୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ୍ୟ ଯନ୍ତ୍ରଣା ହୋଇଥାଏ ।

**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ। କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଁଗମ୍ ଚୋବାଇବାରେ ମଧ୍ୟ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ

ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚି ରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା



ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ। କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି।

# ଗୌତମ ବୁଦ୍ଧ ଓ ସାଂସାରିକ ଜୀବନ





ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ନବମ ଅବତାର ବୋଲି ବିବେଚନା କରାଯାଏ। ଗୌତମ ବୁଦ୍ଧ ଯେତେବେଳେ ଚୁପଚାପ ଅଧା ରାତିରେ ଘର ଛାଡିଲେ ସେତେବେଳେ ତାଙ୍କ ପତ୍ନୀ ଯଶୋଧରା ପୁଅ ରାହୁଲକୁ ଜନ୍ମ ଦେଇ ସାରିଥିଲେ। ଘର ଛାଡିବା ପରେ ବୁଦ୍ଧ ଆଉ ଘରକୁ ଫେରିଲେ ନାହିଁ। ପରେ ଯଶୋଧାରା ପୁଅ ରାହୁଲ ବହୁତ କଷ୍ଟରେ ଚଳିଥିଲେ। ସେ ବୁଦ୍ଧଙ୍କୁ କହିବାକୁ ଚାହୁଁଥିଲେ ଯେ, ତାଙ୍କ ଯିବା ପରେ କେମିତି ତାଙ୍କର ମଧ୍ୟ ଦୁନିଆ ଉପରୁ ମୋହ ମାୟା ଉଠିଗଲା। କହିବାକୁ ଚାହୁଁଥିଲେ ବିଗତ ଦିନମାନଙ୍କରେ କିପରି ତାଙ୍କୁ ସ୍ମରଣ କରୁଥିଲେ। ଗୌତମ ବୁଦ୍ଧଙ୍କ ବାହାଘର ରାଜକୁମାରୀ ଯଶୋଧାରାଙ୍କ ସହ ହୋଇଥିଲା। ସେତେବେଳକୁ ଯଶୋଧାରାଙ୍କୁ ୧୬ ବର୍ଷ ବୟସ ହୋଇଥାଏ। ସେ ତାଙ୍କଠାରୁ କିଛି ବର୍ଷ ବଡ଼ ଥିଲେ। ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲକୁ ଜନ୍ମଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ। ତାପରଠୁ ନା'ସେ କେବେ ଘରକୁ ଫେରିଲେ ନା ଗୃହସ୍ଥ ଜୀବନକୁ ପ୍ରତ୍ୟାବର୍ତ୍ତନ କଲେ। ସେତେବେଳକୁ ଯଶୋଧାରାଙ୍କୁ ୨୯ ବର୍ଷ ହୋଇଥିଲା। ସ୍ୱାମୀଙ୍କ ଯିବା ପରେ ସେ ସାଧାରଣ ମଣିଷଭାବେ ବଞ୍ଚିବା ଆରମ୍ଭ କରିଥିଲେ। ଗୌତମ ବୁଦ୍ଧଙ୍କ ପତ୍ନୀ ପୁଅ ରାହୁଲର ଲାଳନପାଳନ କରିବା ସହ ସନ୍ଥଙ୍କ ଭଳି ଜୀବନ ଯାପନ କଲେ। ମୂଲ୍ୟବାନ ବସ୍ତ୍ର, ଅଳଙ୍କାରକୁ ତ୍ୟାଗ କରିଦେଲେ। ହଳଦିଆ ରଙ୍ଗର ବସ୍ତ୍ର ପନ୍ଧିବା ସହ ଦିନରେ ଗୋଟେ ଥର ଭୋଜନ କରୁଥିଲେ। ଯଶୋଧାରାଙ୍କ ଜୀବନ ଉପରେ ଅନେକ ବହି ଲେଖାହୋଇଛି। ମୈଥିଳିଶରଣ ଗୁପ୍ତ ରଚନା ଯଶୋଧରା (କାବ୍ୟ) ପ୍ରସିଦ୍ଧ। ବିଶ୍ୱାସ କରାଯାଏ ଯେ ଯଦି ରାହୁଲକୁ ସେ ଜନ୍ମ ଦେଇନଥାନ୍ତେ, ତେବେ ହୁଏତ ସେ ଜୀବନ ତ୍ୟାଗ କରିଦେଇଥାଆନ୍ତେ। ଗୌତମ ବୁଦ୍ଧ ଇକ୍ଷାକୁ ରାଜବଂଶର ରାଜକୁମାର ଥିଲେ ତାଙ୍କ ନାମ ସିଦ୍ଧାର୍ଥ ଥିଲା। ଆଉ ଯଶୋଧରା ତାଙ୍କ ପିଉସୀଙ୍କ ଝିଅ ଥିଲେ। ବିବାହ ପୂର୍ବରୁ ବୁଦ୍ଧଙ୍କ ସ୍ୱଭାବ ଆଧ୍ୟାତ୍ମିକ ଥିଲା।

**ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲକୁ ଜନ୍ମ ଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ।**

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

ପିପିଲି,(ନିପ୍ର): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ୩୧୬ ବାଇପାସ ପାଲଟିଛି ମରଣଯନ୍ତା। ଏନଏଚଆଇ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନିତି ପୋଷଣ ଯୋଗୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସଠିକ ଭାବରେ କରାଯାଉ ନଥିବା ଯୋଗୁ ବାଇପାସ ରାସ୍ତା ପିଚୁ ଉଠିଯାଇ ଠାକୁ ଠା ଗର୍ତ୍ତ ସୃଷ୍ଟି ହୋଇଛି। ଗର୍ତ୍ତ ହେବା ଯୋଗୁ ଯାତାୟାତ କରୁଥିବା ହଜାର ହଜାର ଯାନବାହାନ ବାଇକ ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କେତେକ



ବାଇକ ଆରୋହୀ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ସାତଶଙ୍ଖ - ତେଇଶିପୁର ମଧ୍ୟରେ। ଚଳିତ ବର୍ଷ ରଥ ଯାତ୍ରା ପୂର୍ବରୁ ହୋଇଥିଲେ ମଧ ଏହି ଖାଲଖମାରେ ପଡି ଉଠି ଲକ୍ଷାଧିକ ଭକ୍ତ ଲହୁଲୁହାଣ ହୋଇ ଯାତାୟାତ କରି ଥିଲେ ମଧ ଏନଏଚଆଇ କର୍ତ୍ତୃପକ୍ଷ ମରାମତି କରି ନଥିଲେ। ଯାହାକି ଏନେଇ ଅସନ୍ତୋଷ ଦେଖାଦେବାରେ ଲାଗିଛି। ତେଣୁ ଏଦିଗରେ କେନ୍ଦ୍ର ମନ୍ତ୍ରୀ ନଜର ଦେବାକୁ ସାଧାରଣରେ ଦାବି ହେଉଛି।

# କୁଚିଣ୍ଡା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ସଶକ୍ତ ହୋଇ କାର୍ଯ୍ୟ କରି ଦେଶର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ସଂଯୋଜିକା ତଥା ଅଧ୍ୟାପିକା ଗଜମତି କୁମୁରା ସାମ୍ପ୍ରତିକ ସମାଜରେ ନାରୀର ସ୍ଥିତି ଓ ସମସ୍ତ ପରିସ୍ଥିତିରେ ଛାତ୍ରୀମାନେ କିପରି ନିଜକୁ ପ୍ରସ୍ତୁତ



ରଖିବା ସହ ମୁକାବିଲା ପାଇଁ ସମର୍ଥ ହେବେ କହିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ବେଲମତି କୁମୁରା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର

ଭଦ୍ରକ,(ନିପ୍ର): ଉନ୍ନୟନ ବିଭାଗର କମିଶନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ, ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତିର ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲଙ୍କ ସମେତ ନିଯୁକ୍ତି ବିଭାଗ, କୃଷି ଉଦ୍ୟାନ, ପ୍ରାଣୀ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, କୃଷି, ମୃତ୍ତିକା ସଂରକ୍ଷଣ, ସମବାୟ, ଶିକ୍ଷା, ଶ୍ରମ ବିଭାଗ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ଉପସ୍ଥାପନ କରିଥିଲେ।କମିଶନର ତଥା ସଚିବ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଜିଲ୍ଲାର ସାମଗ୍ରିକ ବିକାଶ, ଭିତ୍ତିଭୂମି ସୁଦୃଢ଼ୀକରଣ, କୃଷି ଓ ଜୀବିକା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ନଗର ଉନ୍ନୟନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ। କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟା ଓ ଚ୍ୟାଲେଞ୍ଜର ସମାଧାନ ପାଇଁ ସେ ଆବଶ୍ୟକ ପରାମର୍ଶ ଓ ଦିଗନିର୍ଦ୍ଦେଶ ପ୍ରଦାନ କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ଗୁଣାତ୍ମକ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ।

# କଣ୍ଟିଲୋରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

କଣ୍ଟିଲୋ,(ନିପ୍ର): ଶିଳ୍ପ ବିହୀନ ଖଣ୍ଡପଡା ବ୍ଲକ ଅଞ୍ଚଳର ଆର୍ଥିକ ବିକାଶ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ।ବର୍ଷ ର ବିଭିନ୍ନ ସମୟରେ ଏଠି ପନିପରିବା ଚାଷ ଉତ୍ପାଦନ ହୋଇଥାଏ। କଣ୍ଟିଲୋ ଓ ଆଖପାଖ ବଡ଼ବାଣପୁର,ରତନ ପୁର, କୁମୁଣ୍ଡି, ଧନଚାଙ୍ଗଡ଼ା, ସିଧାମୁଳା ଅଞ୍ଚଳ ରେ ଜିଆଇ ଟ୍ୟାଗ ମାନ୍ୟତା ପ୍ରାପ୍ତ କଣ୍ଟେଇମୁଣ୍ଡି ବାଇଗଣ ସମେତ,କାକୁଡି, ଜହ୍ନି, ସାରୁ, ଘଣାଶାଳିଆ ର ମିଠା ମକା, ପତୁରିଆ ରେ କୋବି ଚାଷ, ଗୋପୀନାଥପୁର ର ଭେଣ୍ଡି, ଆଦି ପନିପରିବା ର ସ୍ୱତନ୍ତ୍ରତା ରହିଛି ଓ ସମ୍ପୃକ୍ତ ଅଞ୍ଚଳ ରେ ବହୁଳ ଭାବେ ଉତ୍ପାଦନ ହୋଇଥାଏ।ଏହି ପନିପରିବା ଗୁଡିକ ବଜାରରେ ହଠାତ ଉପଲବ୍ଧ ହୋଇ କିଛି ଦିନ ପରେ ଆଉ ମିଳିନଥାଏ।ଅଧିକ ଉତ୍ପାଦନ ସମୟରେ ପନିପରିବା ସରଂକ୍ଷଣ ପାଇଁ ଅଞ୍ଚଳରେ କୌଣସି ସୁବିଧା ନଥିବାରୁ ଚାଷୀ ମାନେ ବାଧ୍ୟ ହୋଇ କମ ଦାମ ରେ ବିକ୍ରି କରିଥାନ୍ତି ଓ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି।

## ଯଶୋମତି କଅଁରଙ୍କ ଦୁଃଖ କାହାଣୀ

# ଅଡୁଆରେ ପକାଇଛି ଫିଙ୍ଗର ପ୍ରିଣ୍ଟ, ଉଠୁନି ଭତ୍ତା

ରେଢ଼ାଖୋଲ,(ନିପ୍ର): ବୟସ ୪୦ ସେପାଖେ। ଛୋଟ ଛୋଟ କଅଁଳ ହାତ ଗୋଡ। ସବୁବେଳେ ଆଖି ଓ ପାଟି ବନ୍ଦ। ଦେଖିବାକୁ ଠିକ୍ ୫ ବର୍ଷର ଝିଅଟିଏ ପରି। ପାଦରେ ଚାଲି ପାରୁ ନଥିବା ଯୋଗୁଁ କଅଁଳ ଶିଶୁଟିଏ ଭଳି ଘର ଭିତରେ ଗୁରୁଣ୍ଡି ଗୁରୁଣ୍ଡି ସେ ବୁଲୁଛନ୍ତି। ବାପା ଚାଲିଯିବାର କିଛିଦିନ ପରେ ଲାଳନପାଳନ କରୁଥିବା ମା ଚାଲି ଯାଇଥିଲେ।ଏକମାତ୍ର ସାହାରା ଭାଇ ଭାଉଜ। ତାଙ୍କ ଅବସ୍ଥା ମଧ୍ୟ ଦୟନୀୟ। ସେ ରହୁଥିବା ଘରର ଅବସ୍ଥା ମଧ୍ୟ ଅତି ଶୋଚନୀୟ। ଝାଟି ମାଟି କାନ୍ଥ ଓ ନଡା ଛପର ଘର ଉପରେ ପଲିଥିନ ଢାଙ୍କି ବର୍ଷା ପାଣିକୁ ରୋକା ଯାଇଛି। ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ତାଙ୍କୁ ମିଳିଛି । ଆଧାର କାର୍ଡ ମଧ୍ୟ ତାଙ୍କର ଅଛି।୩୫ କିଲୋ ଚାଉଳ ପାଉଛନ୍ତି। ପୂର୍ବରୁ ପଞ୍ଚାୟତରୁ ହାତକୁ ହାତ ୩୫୦୦ ଟଙ୍କା ଲେଖାଁଏ ଭତ୍ତା ପାଉଥିଲେ।ଏବେ ଆପେ ଆପେ ତାଙ୍କ ଖାତାଟି ବ୍ୟାଙ୍କକୁ ଚାଲିଯିବା କାରଣରୁ ଆଉ ମିଳୁ ନାହିଁ।ବର୍ଷେ ପୂର୍ବରୁ ତାଙ୍କ ନାମରେ ମିଳିଥିବା ଆବାସ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରି ନାହିଁ।ତାଙ୍କୁ ଅଡୁଆରେ ପକାଇଛି ତାଙ୍କର ଫିଙ୍ଗର ପ୍ରିଣ୍ଟ।ଫିଙ୍ଗର ପ୍ରିଣ୍ଟ ମେଳ ନ ଖାଇବା କିମ୍ବା ବାୟୋମେଟ୍ରିକ ନେଉ ନଥିବା କାରଣରୁ ବ୍ୟାଙ୍କରେ କେୱାଇସି ହୋଇ ପାରୁ ନାହିଁ।ଯା ଫଳରେ ତାଙ୍କୁ ଭତ୍ତା ଓ ଆବାସ ଟଙ୍କା କିଛି ମିଳି ପାରୁ ନାହିଁ।ଆଖି ବନ୍ଦ ଥିବା କାରଣରୁ ଆଖି ସ୍କାନ ମଧ୍ୟ ହୋଇ ପାରୁ ନାହିଁ।ଟଙ୍କା ପାଇଁ ତାଙ୍କୁ ବ୍ୟାଙ୍କକୁ ନିଆଗଲେ କେୱାଇସି ଆଳ ଦେଖାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଫେରାଇ ଦେଉଛନ୍ତି।ବଡ କଷ୍ଟରେ ସେ ଏକାକିନୀ ଜୀବନଯାପନ



କରୁଛନ୍ତି। ଏ ହେଉଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ ଗ୍ରାମର ଯଶୋମତି କଅଁରଙ୍କ ଦୁଃଖ କାହାଣୀ।ଭାଇ ରମାକାନ୍ତ ଅନେକ ଥର ତାଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ,ପଞ୍ଚାୟତ ଓ ଡାକଘର ଧାଉଁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ।ଭତ୍ତା ଟଙ୍କାକୁ ପୂର୍ବଭଳି ହାତକୁ ହାତ ଦେବା ପାଇଁ ବିଡିଓ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ଜଣେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ।ସେମାନେ ଖାଲି ପ୍ରତିଶ୍ରୁତି ଦେଇ ଛାଡି ଦେଉଛନ୍ତି। ଏଥିପାଇଁ ଦାୟୀ କିଏ,ଦୋଷ କାହାର ଓ ସରକାରୀ ଯୋଜନା କାହାପାଇଁ ବୋଲି ରମାକାନ୍ତ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ମଧ୍ୟ ବାସ୍ତବ ଚିତ୍ର ଏଠାରେ ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଇଛି। ତାଙ୍କର ଫିଙ୍ଗର ପ୍ରିଣ୍ଟ ଓ ଆଖି ସ୍କାନରେ ସମସ୍ୟା ଥିବାରୁ ତା ବଦଳରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ଜରିଆରେ ସୁନିଶ୍ଚିତ କରିବାକୁ କଦଳୀଗଡ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷା ପାଣିରେ ବୁଡ଼ିଲା ବଡଦଣ୍ଡା ଗାଁ

କୃଷ୍ଣପ୍ରସାଦ,(ନିପ୍ର): ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଏଭଳି ପରିସ୍ଥିତିରେ କୃଷ୍ଣପ୍ରସାଦ ଅଞ୍ଚଳକୁ ଘେରି ରହିଥିବା ଚିଲିକାର ରିଙ୍ଗ ବନ୍ଧ ଠିକ୍ ଥିବା ଯୋଗୁଁ ଚିଲିକାର ପାଣି କୌଣସି ଗାଁରେ ବନ୍ଧ ଭାଙ୍ଗି ପଶିନାହିଁ। କିନ୍ତୁ ଗୁରୁବାର ସକାଳୁ ମୂଷଳ ଧାରାରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପାଣିରେ ବଡ଼ଅଁଳ ପଞ୍ଚାୟତ ବଡଦଣ୍ଡା



ଗାଁରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି। ଗାଁ ଦାଣ୍ଡ ରେ ପାଣି ଭର୍ତ୍ତି ହୋଇ ଘରମାନଙ୍କରେ ପାଣି ପଶି ଯାଇଛି। ଜଳ ନିଷ୍କାସନ ନ ହେବା ଯୋଗୁଁ ଗାଁ ଦାଣ୍ଡରେ ପାଣିର ସୁଅ ଛୁଟୁଛି। ଜଳ ନିଷ୍କାସନ ହେଉଥିବା ରାସ୍ତାକୁ କିଛି ବ୍ୟକ୍ତି ଅବରୋଧ କରିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଯୁଦ୍ଧ କାଳୀନ ଭିତିରେ ଗ୍ରାମରୁ ପାଣିକୁ ନିଷ୍କାସନ କରି ଗ୍ରାମକୁ ଜଳମୁକ୍ତ କରିବା ଦାବି ହେଉଛି। ଏକ ଖବରରୁ ଜଣାପଡ଼ିଛି ଯେ ସରକାରୀ ଯାଗାକୁ ଉକ୍ତ ଗ୍ରାମର ବହୁ ବ୍ୟକ୍ତି ଜବରଦଖଲ କରିଛନ୍ତି। ଜବର ଦଖଲକୁ ଚିହ୍ନଟ କଲେ ଛାଡ଼ିଦେବାକୁ ଗ୍ରାମବାସୀ ପ୍ରସ୍ତୁତ ଥିବା ବେଳେ ତହସିଲଦାର ପଛଘୁଞ୍ଚା ଦେଉଛନ୍ତି। ଗ୍ରାମବାସୀ ତରଫରୁ ଜବରଦଖଲ ମୁକ୍ତ କରିବା ପାଇଁ ଦାବି ହେଉଛି।

# ବିଦ୍ୟୁତ୍‌ଘାତରେ ଶ୍ରମିକର ମୃତ୍ୟୁ

ସାଲେପୁର,(ନିପ୍ର): ବିଦ୍ୟୁତ୍‌ଘାତରେ ଜଣେ ଦିନ ମଜୁରିଆରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ସଂପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରରୁ ପ୍ରକାଶ ଯେ ନେମାଳ ଥାନା ଅନ୍ତର୍ଗତ ତିଳିଦା ଗୋପିନାଥପୁର ଗ୍ରାମର ରମେଶ ଚନ୍ଦ୍ର ଦାସ(୪୦) ସାଲେପୁର ଅଞ୍ଚଳର ଏକ ପେଟି କଣ୍ଟ୍ରାକ୍ଟର ନିକଟରେ ଦିନ ମଜୁରିଆ ଭାବରେ ୬ମାସ ହେବ କାର୍ଯ୍ୟ କରିଆସୁଛନ୍ତି। ପ୍ରତିଦିନ ଭଳି ଆଜି ମଧ ରମେଶ କାମକୁ ଆସିଥିବାବେଳେ ସାଲେପୁର ସତ୍‌ସଙ୍ଗବିହାରର ଜନୈକ ବ୍ୟକ୍ତିଙ୍କ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ମଧ୍ୟାହ୍ନ ଭୋଜନ କଳାପରେ ବିଶ୍ରାମ ନେବା ପାଇଁ ଏକ ଫ୍ୟାନ୍ ଲଗାଇଉଥିବାବେଳେ ବିଦ୍ୟୁତ୍ ଆଘାତରେ ରମେଶ ଗୁରୁତର ଆହତ ହୋଇ ପଡିଯାଇଥିଲେ। ଅନ୍ୟ ସହକର୍ମୀମାନେ ତାଙ୍କୁ ଉଠାଇ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ଘଟଣା ତଦନ୍ତ ଚାଲୁଛି।

## କ୍ରେଡାଇ ଭୁବନେଶ୍ୱରର ସାଧାରଣ ପରିଷଦ ବୈଠକ

# ସଦସ୍ୟ ବୃଦ୍ଧି ଓ ପ୍ରୋପର୍ଟି ଏକ୍ସପୋ-୨୦୨୬ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,(ନି.ପ୍ର) : କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ହୋଟେଲ ନୋଭୋଟେଲ, ଭୁବନେଶ୍ୱରରେ ସଫଳତାର ସହ ସାଧାରଣ ପରିଷଦ ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ କ୍ରେଡାଇ ନ୍ୟାସନାଲ୍ ଓ କ୍ରେଡାଇ ଓଡ଼ିଶାର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତି ସହ ସଦସ୍ୟମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖାଯାଇଥିଲା। କ୍ରେଡାଇ ଭୁବନେଶ୍ୱରର ସମ୍ପାଦକ କଳିଙ୍ଗ କେଶରୀ ରଥ ସ୍ୱାଗତ ଭାଷଣ ରଖି ସମସ୍ତ ସଦସ୍ୟ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେ ସଂଘର ସୁଦୃଢ଼ୀକରଣ ପାଇଁ ସମସ୍ତଙ୍କ ସାମୂହିକ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ସହ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ନୈତିକ, ସ୍ୱଚ୍ଛ ଓ ସ୍ଥାୟୀ ବିକାଶ ପ୍ରତି କ୍ରେଡାଇ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ଦୋହରାଇଥିଲେ। କ୍ରେଡାଇ ନ୍ୟାସନାଲର ପୂର୍ବାଞ୍ଚଳ ଉପସଭାପତି ଓ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ ସରକାରଙ୍କ ପ୍ରଗତିଶୀଳ ନୀତି, ବ୍ୟବସାୟ କରିବାର ସୁବିଧା, ଶୀଘ୍ର ଅନୁମୋଦନ ଏବଂ ସରକାର ଓ ରିଅଲ୍ ଇଷ୍ଟେଟ୍ ଶିଳ୍ପ ମଧ୍ୟରେ ଦୃଢ଼ ସମନ୍ୱୟର ଆବଶ୍ୟକତା ଉପରେ ମତ ରଖିଥିଲେ। କ୍ରେଡାଇ ଓଡ଼ିଶାର ସଭାପତି ଅନିଲ କୁମାର ଅଗ୍ରୱାଲ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ଆର୍ଥିକ ବିକାଶ ଓ ରୋଜଗାର ସୃଷ୍ଟିରେ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ନିୟାମକୀୟ ସଂସ୍କାର, ସ୍ୱଚ୍ଛ ଶାସନ, ଭିତ୍ତିଭୂମି ବିକାଶ ଏବଂ ସ୍ଥାୟୀ ଆବାସ ଓ ସହରାଞ୍ଚଳ ବିକାଶ ପାଇଁ ନୀତିଗତ ସହଯୋଗର ଆବଶ୍ୟକତା




ଉଲ୍ଲେଖ କରିଥିଲେ। କ୍ରେଡାଇ ଭୁବନେଶ୍ୱରର ସଭାପତି ଶେଖ ମୈରାଜୁଲ୍ ହକ୍ ସଂଗଠନର ଭବିଷ୍ୟତ ଦୃଷ୍ଟିକୋଣ ଓ କାର୍ଯ୍ୟଯୋଜନା ଉପସ୍ଥାପନ କରି ସଦସ୍ୟମାନଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ପାଦକ କଳିଙ୍ଗ କେଶରୀ ରଥ ଗତ କିଛି ମାସ ମଧ୍ୟରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ, ସଦସ୍ୟ ସଂପୃକ୍ତି କାର୍ଯ୍ୟକ୍ରମ, ସରକାରୀ ବିଭାଗ ସହ ସମନ୍ୱୟ ଓ ନେଟୱାର୍କିଂ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସାଧାରଣ ପରିଷଦରେ ନୂତନ ସଦସ୍ୟତା ଭାବେ ଦୀପକ ଅଗ୍ରୱାଲ, ପରିଚାଳନା ନିର୍ଦ୍ଦେଶକ, ଏମ/ଏସ୍ ୟୁଟୋପିଆ ରିଅଲଟର୍ସ ପ୍ରା.ଲି. ସୂର୍ଯ୍ୟକାନ୍ତ ମଙ୍ଗଳଜ୍ୟୋତି ମଲ୍ଲିକ, ପରିଚାଳନା ନିର୍ଦ୍ଦେଶକ ଏବଂ ଆଦର୍ଶ କୁମାର, ନିର୍ଦ୍ଦେଶକ, ଏମ/ଏସ୍ ମାଇ ନେଷ୍ଟ ଆସେଟ୍ସ ପ୍ରା.ଲି. ଅଂଶ ଗ୍ରହଣ କରିଥିଲେ। ସରକାରୀ ଓ ନିୟାମକୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଓରେରା, ବିଡିଏ, ସିଡିଏ, ଭବନ ଅନୁମୋଦନ ପ୍ରକ୍ରିୟା, ବିକାଶ ଅନୁମତି, ଭିତ୍ତିଭୂମି ସହାୟତା, ବ୍ୟବସାୟ ସହଜୀକରଣ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ପାଇଁ ନୀତିଗତ ସଂସ୍କାର ପ୍ରମୁଖ ବିଷୟ ଥିଲା। ନେତୃତ୍ୱ ସରକାରୀ ବିଭାଗ ଓ ନିୟାମକୀୟ ସଂସ୍ଥା ସହ ନିରନ୍ତର ସଂଳାପର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# ଯାଜପୁର: ସ୍ୱତନ୍ତ୍ର ସଘନ ସଂଶୋଧନ ଦାବି ୧୯ ପର୍ଯ୍ୟନ୍ତ ବୃଦ୍ଧି

ଯାଜପୁର,(ନିପ୍ର): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି।

୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପଟ୍ମ୍ବେର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଡେପୁଟି କଲେକ୍ଟର ନିର୍ବାଚନ ସୂଚନା ଦେଇଛନ୍ତି।

# ବ୍ରହ୍ମାକୁମାରୀ ଅନୁଷ୍ଠାନରେ ନିଶାମୁକ୍ତି ପ୍ରତିଜ୍ଞା ଶୁଭାରମ୍ଭ

ଜଟଣୀ,(ନିପ୍ର): ନିଶା ଛାଡ଼ିବା,ଜୀବନ ଗଢ଼ିବା, ସୁସ୍ଥ ମନ , ସୁସ୍ଥ ଜୀବନ, ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟ ନେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରସାଶିକା ସ୍ୱର୍ଗତ ରାଜଯୋଗିନୀ ଦାଦୀ ପ୍ରକାଶ ମଣୀଙ୍କର ୧୯ ତମ ପୂର୍ଣ୍ଣ ସ୍ମୃତି ଦିବସ ଉଦ୍ଦେଶ୍ୟରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ତରଫରୁ ସାରା ଭାରତବର୍ଷର ୧୦ହଜାରରୁ ଉର୍ଦ୍ଧ୍ୱ ସେବାକେନ୍ଦ୍ର ମାଧ୍ୟମରେ ଅଗଷ୍ଟ ୨ତାରିଖରୁ ଅଗଷ୍ଟ ୨୦ ତାରିଖ ମଧ୍ୟରେ ୧୦କୋଟିରୁ ଉର୍ଦ୍ଧ୍ୱ ନିଶାସକ୍ତ ବ୍ୟକ୍ତି ବିଶେଷଙ୍କୁ ନିଶାମୁକ୍ତ କରିବା ଲକ୍ଷ୍ୟ ନେଇ କାର୍ଯକ୍ରମମାନ ଆୟୋଜନ କରାଯାଇଛି। ଏହି ମହାନ କାର୍ଯ୍ୟକୁ ଚିରତାର୍ଥ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨ ତାରିଖରେ ଏହାର ଶୁଭାରମ୍ଭ କରିଛନ୍ତି । ଏହି



ଅବସରରେ ଜଟଣୀ ବଡ଼ବଜାର ସ୍ଥିତ ରାଜଯୋଗ ସେବାକେନ୍ଦ୍ରରେ ୪ ତାରିଖ ସନ୍ଧ୍ୟାରେ ଏହାର ଶୁଭ ଉଦ୍ଘାଟନ ଆନୁଷ୍ଠାନିକ ଭାବରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଟଣୀର ବିଧାୟକ ବିଭୁତି ଭୁଷଣ ବଳବନ୍ତରାୟ,ରେଲୱେ ମେଡିକାଲ ସୁପରିଟେନଡେଣ୍ଟ ଡଃ ସବିତା ଦିଦି , ବିଜେପି ରାଜ୍ୟ ମୁଖ୍ୟପାତ୍ର ଅନିଲ ବିଶ୍ୱାଳ, ଜଟଣୀ ଥାନା ଇନ୍ସପେକ୍ଟର ଷ୍ଟାଲିନ ବିଶ୍ୱାଳ , ହାଇଟେକ୍ ମେଡିକାଲ୍ ପ୍ରଫେସର ଡଃ ଅମିତ ପାଟଯୋଶୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ନବୀନ ସେନାପତି ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନିଜର ବକ୍ତବ୍ୟ ଦ୍ୱାରା ଭାରତକୁ ନିଶାମୁକ୍ତ ଭାରତ , ଶ୍ରେଷ୍ଠ ଭାରତ, ବିଶ୍ୱଗୁରୁ ଭାରତରେ ପରିବର୍ତ୍ତନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ସମସ୍ତଙ୍କୁ ନିଶାମୁକ୍ତ ଜୀବନ ଅତିବାହିତ କରିବା ପାଇଁ ତଥା ନିଜର ଶ୍ରେଷ୍ଠ ଭାଗ୍ୟ ଗଢ଼ିବା ପାଇଁ ପ୍ରତିଜ୍ଞା କରିଥିଲେ ।

# ବୁଲା ଗୋରୁଙ୍କୁ ରେଡିୟମ ବେଲ୍ଟ ପିନ୍ଧା ଅଭିଯାନ



କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ବୁଲୁଥିବା ବୁଲା ଗୋରୁଙ୍କୁ ଚିହ୍ନଟ କରିବା ସହିତ ସୁରକ୍ଷା ନିମନ୍ତେ ସେମାନଙ୍କ ବେକରେ ରେଡିୟମ ବେଲ୍ଟ ପିନ୍ଧା ଅଭିଯାନ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ଏକ ଦଳ ଗଠନ କରାଯାଇ ଗୁରୁବାର ଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି । କୃଷ୍ଣପ୍ରସାଦ ବ୍ଲକ ଭାରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା.ସୁଦତ୍ତା ପଟ୍ଟନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଗୁରୁ ପ୍ରସନ୍ନ ସାହୁ ପ୍ରମୁଖଙ୍କ ସମେତ ପ୍ରାଣୀ ସହାୟକମାନେ ପ୍ରଥମ ଦିନରେ ୧୫ଟି ବୁଲା ଗୋରୁଙ୍କୁ ରେଡିୟମ ବେଲ୍ଟ ପିନ୍ଧାଇଥିବା ସୂଚନା ମିଳିଛି । ବୁଲାଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟୁଥିବା ବାରମ୍ବାର ଅଭିଯୋଗ ହେବା ପରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ବୁଲା ଗୋରୁଙ୍କ ସ୍ଥାୟୀ ଥଇଥାନ ନିମନ୍ତେ କୃଷ୍ଣପ୍ରସାଦ ଅଞ୍ଚଳରେ ଏକ ଏକ ଗୋଶାଳା ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏହି ଅଭିଯାନରେ ପ୍ରାଣୀ ଧନ ନିରୀକ୍ଷକ ଅଜୟ କୁମାର ବିଶ୍ୱାଳ, ବବି ଜେନା, ଆଶାଲତା ନାୟକ, ଖଗେଶ୍ୱର ମାଝୀ, ସହ କର୍ମଚାରୀ ପ୍ରତାପ କୁମାର ପ୍ରଧାନ, ପଦ୍ମ ଚରଣ ବିଶ୍ୱାଳ, ବିନାୟକ ଭୋଇ ସମେତ ଅନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଥିବା ଜଣାଯାଇଛି ।

## ଧାମନଗରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଲେ

ଧାମନଗର,(ନିପ୍ର): ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିବା ପାଇଁ ଗୁରୁବାର ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାମନଗର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ଏନ ଏ ସିର ୧୦ ନମ୍ବର ୱାର୍ଡ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରିଥିଲେ। ଗସ୍ତ ସମୟରେ ମନ୍ତ୍ରୀ ବନ୍ୟା ପାଣି ଛାଡ଼ିବା ପରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପାନୀୟ ଜଳର ଗୁଣବତ୍ତା ଓ ସଂକ୍ରାମକ ରୋଗ ନିୟନ୍ତ୍ରଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଭିନ୍ନ ଗ୍ରାମର ଟ୍ୟୁବୱେଲରୁ ପାଣିର ନମୁନା ସଂଗ୍ରହ ଏବଂ ଜଳ ପରୀକ୍ଷା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଡାଇରିଆ, ଜଣ୍ଡିସ୍ ସମେତ ଜଳବାହିତ ରୋଗକୁ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପର୍ଯ୍ୟାପ୍ତ ଔଷଧ



ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ପରିସ୍ଥିତି ନେଇ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଧାମନଗର ମେଡିକାଲରେ ଡାକ୍ତର ଅଭାବ ଦୂର କରିବା, ନୂତନ ଭବନ ନିର୍ମାଣ, ଔଷଧର ଉପଲବ୍ଧତା ଏବଂ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ। ବନ୍ୟା ସମୟରେ କୌଣସି ଜନହାନି ଘଟିନଥିଲା। ବନ୍ୟା ପରିଚାଳନା ଓ ଅପହଞ୍ଚ ଅଞ୍ଚଳରେ ସେବା ପହଞ୍ଚାଇବାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମକୁ ସେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରଶଂସା କରିଥିଲେ। ସେହିପରି ବନ୍ୟା ସମୟରେ ଆଶାକର୍ମୀ ଓ ମେଡିକାଲ ଟିମ୍‌ର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ୧୭ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କଥା ଉଲ୍ଲେଖ କରିଥିଲେ। ବନ୍ୟା ପରେ ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳବାହିତ ରୋଗ ନ ବ୍ୟାପିବା ପାଇଁ ସମସ୍ତ ନଳକୂପରେ ବିଶୋଧନକାରୀ ଔଷଧ ପ୍ରୟୋଗ କରିବାକୁ ସେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ଡାଇରେକ୍ଟର ଡା. ନୀଳକଣ୍ଠ ମିଶ୍ର, ଭଦ୍ରକ ଜିଲ୍ଲାପାଳ ସୁମେଶ ଉପାଧ୍ୟାୟ, ଜିଲ୍ଲା ସ୍ୱାସ୍ଥ୍ୟଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଉପଜିଲ୍ଲାପାଳ ସରୋଜ ଦତ୍ତ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରି ମନମୟ ସାମନ୍ତ ସିଂହାର, ତହସିଲଦାର ଜ୍ଞାନରଞ୍ଜନ ସାହୁ,ବିଡ଼ିଓ ବନବିହାରୀ ଦିଣ୍ଡା, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲିକ। ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

ତିଥି :(ନବମୀ): (କୃତ୍ତିକା ବୃଷ)
ଅମୃତ ବେଳା: ଦିବା ଘ ୭। ୩ ମଧ୍ୟେ ଘ୩।୫୧ ଗତେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।। - ଶ୍ରୀମଦ୍ ଭଗବଦ୍ ଗୀତା

# ନୂତନ ଦୃଷ୍ଟିଭଙ୍ଗୀର ମହକ

ଆଜିକାଲି କଥାକଥାକେ ସ୍ମାର୍ଟର କଥା କୁହାଯାଉଛି। କୁହାଯାଉଛି ସ୍ମାର୍ଟ ସିଟିର କଥା। ମାତ୍ର ପ୍ରକୃତ ସ୍ମାର୍ଟନେସ କ'ଣ ଥାଏ ତଥାକଥିତ ସ୍ମାର୍ଟସିଟିରେ। ଏମିତିରେ ଦେଖିଲେ ସାଧାରଣତଃ ବିଶ୍ୱର ବଡ଼ ବଡ଼ ସହରଗୁଡ଼ିକ କୋଳାହଳ, କଂକ୍ରିଟ୍ ଜଙ୍ଗଲ ଏବଂ ପ୍ରଦୂଷଣ ପାଇଁ ପରିଚିତ। ବର୍ଷା ବିପ୍ଳାତ ହେଉ କି ଅନ୍ୟ କୌଣସି ବିପ୍ଳାତ ସମୟରେ ତଥାକଥିତ ସ୍ମାର୍ଟସିଟି ଆଉ ନ ଥାଏ । ଏହାର ସବୁକିଛି ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇଯାଇଥାଏ। ନିକଟରେ ବାଣିଜ୍ୟକ ମହାନଗରୀରେ ମୁମ୍ବାଇରେ ବର୍ଷା ବିପ୍ଳାତ ବେଳର ଚିତ୍ର ଉଣା ଅଧିକେ ତଥାକଥିତ ସ୍ମାର୍ଟ ସିଟିର ମାୟା ଭିତରେ ଅସହାୟତା ଚିତ୍ରମାନ ଆମକୁ ଚକିତ କରେ।

ତେବେ ଆମ ଦେଶର ଆସାମ ସୀମାନ୍ତର ଠିକ୍ ଅପରପାର୍ଶ୍ୱରେ ଥିବା ଭୁଟାନର ଏକ ସହର ସମ୍ପୂର୍ଣ୍ଣ ଭିନ୍ନ ଧାରଣାକୁ ନେଇ ବିକଶିତ ହେଉଥିବା ପରିଲକ୍ଷିତ। ଏହାର ଦକ୍ଷିଣ ଭୁଟାନ ରହିଛି ଗେଲେଫୁ ମାଇଣ୍ଡଫୁଲନେସ୍ ସିଟି । ପ୍ରାୟ ୨,୫୦୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ୨୦୨୪ ମସିହାରେ ରାଜକୀୟ ଚାର୍ଟର ମାଧ୍ୟମରେ ଏହା ଏକ ସ୍ୱତନ୍ତ୍ର ସ୍ୱାୟତ୍ତଶାସିତ ଅଞ୍ଚଳ ଭାବରେ ପରିଚିତ। ବିଶ୍ୱବ୍ୟାପୀ ଅନିଶ୍ଚିତତା ଓ ଭୂ-ରାଜନୈତିକ ଚ୍ୟାଲେଞ୍ଜ ମଧ୍ୟରେ ମନୋନିବେଶ, ସମୃଦ୍ଧି ଓ ଶାନ୍ତିର ଏକ ନୂଆ କେନ୍ଦ୍ର ଗଢ଼ି ତୋଳିବା ହେଉଛି ଭୁଟାନର ରାଜା ଜିଗ୍ମେ ଖେସର ନାମଗ୍ୟେଲ ୱାଙ୍ଗଚୁକଙ୍କ ସ୍ୱପ୍ନ। ଏପରି ଦୃଷ୍ଟିଭଙ୍ଗୀ ଆଧାରରେ ସେ ଏହି ଆଣ୍ଟିସ୍ମାର୍ଟ ସିଟି ଗଢ଼ି ପୃଥିବୀକୁ ଏକ ବିକଳ୍ପ ବିକାଶ ମଡେଲ୍ ଦେଖାଇବାକୁ ଚାହିଁଛନ୍ତି। ଏକଥା ନୁହେଁ ଆଣ୍ଟିସ୍ମାର୍ଟରେ କେବଳ ପାରମ୍ପରିକତା ହିଁ ସ୍ଥାନିତ ହୋଇଥାଏ। ଅଧିକନ୍ତୁ ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ପ୍ରକୃତି ସହ ସାମଞ୍ଜସ୍ୟ ନବସୃଷ୍ଟି, ପ୍ରଯୁକ୍ତି ଓ ଆର୍ଥିକ ସକ୍ରିୟତା ସହ ଯୋଡା ଯିବା ଭିନ୍ନ ସ୍ମାର୍ଟ ସିଟି ସୃଷ୍ଟି କରେ। ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ, ବିଧାନ ଓ ନ୍ୟାୟିକ କ୍ଷମତା ସେଠାରେ ପ୍ରଦାନ କରାଯାଇଛି। ତା' ସାଙ୍ଗକୁ ବୌଦ୍ଧ ଦର୍ଶନ, ମାନବ କଲ୍ୟାଣ, ସ୍ଥାୟୀ ବିକାଶ ଏବଂ ଗ୍ରୋସ୍ ନ୍ୟାସନାଲ୍ ହ୍ୟାପିନେସ୍ ନୀତିକୁ ଅବଲମ୍ବନ କରାଯାଇଛି।

ସାଧାରଣ ଭାବରେ ଦେଖିଲେ ବୌଦ୍ଧ ଦର୍ଶନର ସାରସତ୍ତା ହେଉଛି କରୁଣା। ଏହି କରୁଣା ବିଶ୍ୱ ପାଇଁ ଅତୀବ ଆବଶ୍ୟକ। ବସ୍ତୁବାଦୀ ମାନସିକତା ଅପେକ୍ଷା କରୁଣା ପ୍ରଦର୍ଶନ ମାନବତାର ମୂଳାଧାର। ଏହି ମୂଳାଧାର ଏବେ ନାନା ଭାବରେ କେତେ କ୍ଷତବିକ୍ଷତ ତାହା ସମସ୍ତେ ଅଳ୍ପବହୁତେ ଲକ୍ଷ୍ୟ କେବଳ କରୁନାହାନ୍ତି ବରଂ ଅଙ୍ଗେ ନିଭାଇଆସୁଛନ୍ତି। ଗେଲେଫୁକୁ ବିଶ୍ୱର ପ୍ରଥମ 'ଆଣ୍ଟି-ସ୍ମାର୍ଟ ସିଟି' ବୋଲି କୁହାଯାଉଛି। ଦୁବାଇ, ସିଙ୍ଗାପୁର କିମ୍ବା ନ୍ୟୁୟର୍କ ପରି ସହରରେ ଯେଉଁଠାରେ ଉଚ୍ଚ ଅଟ୍ଟାଳିକା ଓ ଦ୍ରୁତ ପ୍ରଯୁକ୍ତିକେନ୍ଦ୍ରିକ ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଏ, ସେଠାରେ ଗେଲେଫୁର ମୂଳ ଲକ୍ଷ୍ୟ ହେଉଛି ମାନବ ସୁଖ, ମାନସିକ ସ୍ୱାସ୍ଥ୍ୟ ଓ ପରିବେଶର ସୁରକ୍ଷା ଅସଲ। ପ୍ରସିଦ୍ଧ ଡେନମାର୍କର ସ୍ଥପତି ବଜାର୍କ ଇଙ୍ଗେଲ୍ସ ଏହି ସହରର ନକ୍ସା ପ୍ରସ୍ତୁତ କରିଛନ୍ତି। ସହରରେ କୌଣସି କୋଠାବାଡ଼ି ଗଛର ଉଚ୍ଚତାଠାରୁ ଅଧିକ ଉଚ୍ଚ ନିର୍ମାଣ କରାଯିବ ନାହିଁ ବୋଲି କଟକଣା ରହିଛି। ସୁତରାଂ ଏହା ଏକ ସବୁଜ ଆର୍ଥିକ କରିଡର୍ । କେବଳ ପରିବେଶ ଅନୁକୂଳ, ସ୍ଥାୟୀ ଓ ସଚେତନ ବୈଶ୍ୱିକ ନିବେଶକୁ ଏଠାରେ ସ୍ୱାଗତ କରାଯାଉଛି।ଦେଶର ଯୁବପିଢ଼ିଙ୍କ ବିଦେଶ ଗମନ (ବ୍ରେନ୍ ଡ୍ରେନ୍)କୁ ରୋକିବା ଏବଂ ସେମାନଙ୍କ ପାଇଁ ଉଚ୍ଚ ବେତନଭୋଗୀ ଚାକିରିର ସୁଯୋଗ ସୃଷ୍ଟି କରିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।ଗେଲେଫୁରେ ସବୁଠି ଭୁଟାନର ରାଜାଙ୍କ ଉପସ୍ଥିତିର ଅନୁଭବ ମିଳେ। ଏହି ଆଣ୍ଟିସ୍ମାର୍ଟ ସିଟି ମଣିଷର ଚେତନାକୁ ଅଧିକ ଉନ୍ନତ ତଥା ଉନ୍ନତିକାମୀ କରିବାର ଅବସର ସୃଷ୍ଟି କରିଛି କହିଲେ କିଛି ଭୁଲ ହେବ ନାହିଁ।

# ପିଓକେ ପ୍ରତିବାଦ : ପାକିସ୍ତାନର ଦୋମୁହାଁ ନୀତି

## ନିୟୁ ଏଜ୍ ଇସଲାମ

> କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ନ ଦେବାରୁ ଜେ.ଏ.ଏ.ସି ମୁଜାଫରବାଦ ଅଭିମୁଖେ ପଦଯାତ୍ରା ଓ ବିକ୍ଷୋଭର ଆହ୍ୱାନ ଦେଇଥିଲା। ଆଲୋଚନା କରିବା ପରିବର୍ତ୍ତେ ପାକିସ୍ତାନୀ ସୁରକ୍ଷା ବଳ ଜୁନ୍ ମାସରେ ଜେ.ଏ.ଏ.ସି ନେତାମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ବଶୀର ହବିବ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ଉମର ନଜିର୍ କାଶ୍ମୀରଙ୍କ ସମେତ ଅନେକ ନେତା ଆହତ ହୋଇଥିଲେ ଏବଂ ଶୌକତ ନୱାଜ୍ କାଶ୍ମୀରଙ୍କ ସହ ଅନ୍ୟ ନେତାମାନଙ୍କୁ ଗିରଫ କରାଯାଇଥିଲା। ଏହା ଉପରେ ଆନ୍ଦୋଳନ ଅଧିକ ତୀବ୍ର ହୋଇ ରାୱଲକୋଟ୍, କୋଟଲି, ମୀରାପୁର ଓ ପୁଞ୍ଚରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା। ଜୁନ୍ ୦୫ରୁ ସେମାନେ ନିଜର ଗଣତାନ୍ତ୍ରିକ ଅଧିକାର ଓ ଗିରଫ ନେତାମାନଙ୍କ ମୁକ୍ତି ଦାବି ପ୍ରତିବାଦ ଆରମ୍ଭ କରିଥିଲେ। କିନ୍ତୁ ପାକିସ୍ତାନ ସରକାର ସେମାନନଙ୍କ ଦାବି ସମାଧାନ କିମ୍ବା ଜେ.ଏ.ଏ.ସି ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ପରିବର୍ତ୍ତେ ବଳ ପ୍ରୟୋଗ ମାଧ୍ୟମରେ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରିଛି।

କାଶ୍ମୀର ଓ ଏହାର ଲୋକଙ୍କ ସ୍ୱାର୍ଥ କଥା କହୁଥିବା ପାକିସ୍ତାନର ଦୋମୁହାଁ ନୀତି ଏବଂ କପଟତା ପୁଣିଥରେ ଲୋକଲୋଚନକୁ ଆସିଛି। ପାକିସ୍ତାନ ଅଧିକୃତ କାଶ୍ମୀର (ପି.ଓ.କେ)ରେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେ.ଏ.ଏ.ସି)ର ନେତୃତ୍ୱରେ ଦୀର୍ଘ ସମୟ ଧରି ଚାଲିଥିବା ପ୍ରତିବାଦ ପାକିସ୍ତାନ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଥିବା ତଫାତକୁ ସ୍ପଷ୍ଟ କରିଦେଇଛି। ସେପ୍ଟେମ୍ବର ୨୦୨୫ରେ ପ୍ରତିବାଦକାରୀ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ଇସଲାମବାଦ ବିଫଳ ହେବା ପରେ ୦୫ ଜୁନ୍ ୨୦୨୬ ରୁ ଆନ୍ଦୋଳନ ପୁଣିଥରେ ଜୋର ଧରିଥିଲା। ଦୀର୍ଘ ଦଶନ୍ଧି ଧରି ଅବହେଳା ଓ ଶୋଷଣର ଶିକାର ହୋଇ ଆସୁଥିବା ପି.ଓ.କେ ର ଲୋକମାନେ ଗତବର୍ଷ ରାଜ୍ୟବ୍ୟାପି ବିକ୍ଷୋଭ ସହ ମୁଜାଫରବାଦ ଅଭିମୁଖେ ଏକ ବିଶାଳ ପଦଯାତ୍ରା କରିଥିଲେ। ଏହି ଜନ ଆନ୍ଦୋଳନ ଚାପରେ ପାକିସ୍ତାନ ସରକାର ଜେ.ଏ.ଏ.ସି ପକ୍ଷରୁ ଉପସ୍ଥାପିତ ୩୮ଟି ଦାବି ମଧ୍ୟରୁ ଅଧିକାଂଶକୁ ମାନିବାକୁ ବାଧ୍ୟ ହୋଇଥିଲା।

ସେଥିରେ ଥିବା ପ୍ରମୁଖ ଦାବି ଗୁଡ଼ିକ ହେଲା : ଶାସକ ଗୋଷ୍ଠୀ ପାଇଁ ରହିଥିବା ବିଶେଷ ସୁବିଧାର ଅବସାନ, ରାଜ୍ୟ ବାହାରେ ଥିବା କାଶ୍ମୀର ପ୍ରତିନିଧିଙ୍କ ପାଇଁ




ସଂରକ୍ଷିତ ୧୨ଟି ବିଧାନସଭା ଆସନର ବିଲୋପ, ସମସ୍ତଙ୍କ ପାଇଁ ମାଗଣା ଓ ସମାନ ଶିକ୍ଷା ବ୍ୟବସ୍ଥା, ଏକ ଆର୍ନ୍ତଜାତୀୟ ବିମାନ ବନ୍ଦରର ନିର୍ମାଣ, ପ୍ରବାସୀ ପାକିସ୍ତାନୀଙ୍କ ପାଇଁ ଚାକିରି ସଂରକ୍ଷଣର ଅନ୍ତ, ଏକ୍ସପ୍ରେସ୍ ୱେ ନିର୍ମାଣ, କୃଷି ଓ ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନ୍ୟାୟିକ ସଂସ୍କାର, ଅନାବଶ୍ୟକ ସରକାରୀ ବିଭାଗ ଗୁଡ଼ିକ ବନ୍ଦ କରିବା, ଯୁବକମାନଙ୍କୁ ସୁଧମୁକ୍ତ ଋଣ ପ୍ରଦାନ, ବ୍ୟାପକ ନିଯୁକ୍ତି ସୁଯୋଗ, ବ୍ୟବସାୟୀ ସମ୍ପ୍ରଦାୟକୁ ସୁରକ୍ଷା ଓ ସହାୟତା, ବିଦ୍ୟୁତ୍ ବିଲ୍‌ରେ ସବ୍‌ସିଡ୍ ଏବଂ ଗହମ ଅଟା ଉପରେ ସବ୍‌ସିଡ୍ ପ୍ରଦାନ। ଦାବିପତ୍ରରେ ଥିବା ଅଧିକାଂଶ ଦାବି ଏପରି ସୁବିଧା ଓ ସେବା ସହ ଜଡ଼ିତ, ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ସାଧାରଣତଃ ନିଜ ନାଗରିକଙ୍କୁ ପ୍ରଦାନ କରିଥାଏ। କିନ୍ତୁ ପି.ଓ.କେ ର ଲୋକମାନଙ୍କୁ ଏହି ମୌଳିକ ସୁବିଧା ପାଇଁ ମଧ୍ୟ ପ୍ରତିବାଦ କରିବାକୁ ପଡୁଛି।

କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ନ ଦେବାରୁ ଜେ.ଏ.ଏ.ସି ମୁଜାଫରବାଦ ଅଭିମୁଖେ ପଦଯାତ୍ରା ଓ ବିକ୍ଷୋଭର ଆହ୍ୱାନ ଦେଇଥିଲା। ଆଲୋଚନା କରିବା ପରିବର୍ତ୍ତେ ପାକିସ୍ତାନୀ ସୁରକ୍ଷା ବଳ ଜୁନ୍ ମାସରେ ଜେ.ଏ.ଏ.ସି ନେତାମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ବଶୀର ହବିବ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ଉମର ନଜିର୍ କାଶ୍ମୀରଙ୍କ ସମେତ ଅନେକ ନେତା ଆହତ ହୋଇଥିଲେ ଏବଂ ଶୌକତ ନୱାଜ୍ କାଶ୍ମୀରଙ୍କ ସହ ଅନ୍ୟ ନେତାମାନଙ୍କୁ ଗିରଫ କରାଯାଇଥିଲା। ଏହା ଉପରେ ଆନ୍ଦୋଳନ ଅଧିକ ତୀବ୍ର ହୋଇ ରାୱଲକୋଟ୍, କୋଟଲି, ମୀରାପୁର ଓ ପୁଞ୍ଚରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା। ଜୁନ୍ ୦୫ରୁ ସେମାନେ ନିଜର ଗଣତାନ୍ତ୍ରିକ ଅଧିକାର ଓ ଗିରଫ ନେତାମାନଙ୍କ ମୁକ୍ତି ଦାବି ପ୍ରତିବାଦ ଆରମ୍ଭ କରିଥିଲେ। କିନ୍ତୁ ପାକିସ୍ତାନ ସରକାର ସେମାନନଙ୍କ ଦାବି ସମାଧାନ କିମ୍ବା ଜେ.ଏ.ଏ.ସି ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ପରିବର୍ତ୍ତେ ବଳ ପ୍ରୟୋଗ ମାଧ୍ୟମରେ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରିଛି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ପାକିସ୍ତାନ ପ୍ରାୟ ୪୦ ହଜାର ସୁରକ୍ଷା କର୍ମୀ ମୁତୟନ କରି ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲା। ଲୁହ ବୁହା ଗ୍ୟାସ୍, ଗୁଳି ଚାଳନା ଓ ବଳପୂର୍ବକ କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ମୃତ ଓ ଆହତ ହୋଇଥିବା ଅଭିଯୋଗ ରହିଛି। ଜେ.ଏ.ଏ.ସି ର ଅଭିଯୋଗ ଅନୁସାରେ ୮୦ ରୁ ଅଧିକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ଏବଂ ୧୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।

ସେହିପରି ସୁରକ୍ଷାବାହିନୀ ସରକାରୀ ଚିକିତ୍ସାଳୟରୁ ୫୬ଟି ମୃତଦେହ ନେଇ ଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି। ଭୟର ପରିବେଶ ସୃଷ୍ଟି ହେବାରୁ ଅନେକ ଆହତ ବ୍ୟକ୍ତି ସରକାରୀ ହସ୍ପିଟାଲକୁ ନ ଯାଇ ଘରେ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପ୍ରଦର୍ଶନକାରୀମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ଘରେ ପଶି ଲୁଟ୍‌ପାଟ୍ କରିଥିଲେ ଏବଂ ପରିବାର ସଦସ୍ୟମାନଙ୍କ ସହ ଦୁର୍ବ୍ୟବହାର କରିଥିଲେ। କେତେକ ମହିଳା ମଧ୍ୟ ସେମାନଙ୍କ ସହ ଅସଦଚାରଣ ହୋଇଥିବାର ଅଭିଯୋଗ କରିଛନ୍ତି। ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ଆନ୍ଦୋଳନକାରୀ ମାନେ ନିଜ ଅଭିଯୋଗରେ ଅଟଳ ଅଛନ୍ତି।

ଜେ.ଏ.ଏ.ସି ର ଅଭିଯୋଗ ଅନୁସାରେ ସରକାର ନିଜ ଲୋକଙ୍କୁ ଆନ୍ଦୋଳନରେ ମିଶାଇ ହିଂସା ସୃଷ୍ଟି କରି, ଦୋଷ ଆନ୍ଦୋଳନକାରୀଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥିଲା। ଜଣେ ପୋଲିସ୍ କର୍ମଚାରୀଙ୍କ ମୃତ୍ୟୁ ପାଇଁ ସରକାର ଆନ୍ଦୋଳନକାରୀଙ୍କୁ ଦାୟୀ କରିଥିଲେ ମଧ୍ୟ ଜେ.ଏ.ଏ.ସି ଏହାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଛି।

ମୁଜାଫରବାଦ୍ ବିଶାଳ ପଦଯାତ୍ରା ପୂର୍ବରୁ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ ଆହୁରି କଠୋର ହୋଇଥିଲା। ଗିରଫ, ଗୁଳିଚାଳନା ଓ ରାସ୍ତା ଅବରୋଧ ମାଧ୍ୟମରେ ଲୋକଙ୍କୁ ପଦଯାତ୍ରାରେ ଯୋଗ ଦେବାରୁ ରୋକିବାକୁ ଚେଷ୍ଟା କରାଯାଇଥିଲା। ଦୀର୍ଘ ସମୟ ଧରି ପି.ଓ.କେ ରେ ବଜାର, ସ୍କୁଲ୍, ଇଣ୍ଟରନେଟ୍ ଓ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା।

ସରକାର ଓ ଜେ.ଏ.ଏ.ସି ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ପାରିନଥିଲା। ଜେ.ଏ.ଏ.ସି ଗିରଫ ନେତାଙ୍କ ମୁକ୍ତି, ତାଙ୍କ ଉପରେ ଥିବା ମାମଲାର ପ୍ରତ୍ୟାହାର ଓ ସଂଗଠନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇ ଦାବି କରିଥିଲା। ସରକାର ଏହାକୁ ମାନି ନଥିବାରୁ ଆନ୍ଦୋଳନ ଜାରି ରହିଥିଲା। ପରେ କେତେକ ନେତା ପି.ଓ.କେ ପାଇଁ ସହାୟତା ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଅଧିକାର ଦାବି କରିଥିଲେ। ସେମାନଙ୍କର ନୂଆ ସ୍ଲୋଗାନ୍ ଥିଲା- ୱତନ୍ ୟା କଫନ୍ (ମାତୃଭୂମି କିମ୍ବା ବଳିଦାନ)।

ଏହି ଘଟଣାକୁ ନେଇ ଭାରତ ପାକିସ୍ତାନର କାର୍ଯ୍ୟକଳାପକୁ ସମାଲୋଚନା କରିଛି ଏବଂ ପି.ଓ.କେ ରେ ମାନବଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ କରିଛି। ସମାଲୋଚକମାନଙ୍କୁ ମତରେ, ଭାରତୀୟ କାଶ୍ମୀରର ଲୋକଙ୍କ ଅଧିକାରର କଥା କହୁଥିବା ପାକିସ୍ତାନ, ନିଜ ନିୟନ୍ତ୍ରଣରେ ଥିବା ପି.ଓ.କେ ର ଲୋକଙ୍କ ସହ ଯେଉଁ ବ୍ୟବହାର କରୁଛି, ତାହା ତାହାର ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି। ଏହି ଘଟଣା ପରେ ପି.ଓ.କେ ର ଲୋକଙ୍କ ମଧ୍ୟରେ ନ୍ୟାୟ, ସମ୍ମାନ ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଦାବି ଆହୁରି ଜୋରଦାର ହୋଇଛି।

# ବୁଢ଼ା ଦିନର ଭରସା କିଏ ?

## ସୁବାସ ଷଡଙ୍ଗୀ

ଆମ ଦେଶରେ ପ୍ରାୟ ଦଶ କୋଟି ଲୋକ ହେଉଛନ୍ତି ବରିଷ୍ଠ ନାଗରିକ। ହିସାବ କରି ଦେଖିଲେ ଜଣାଯିବ ଯେ ଏମାନଙ୍କ ସଂଖ୍ୟା ପ୍ରାୟ ଆଠ ଶତାଂଶ। ସରକାରଙ୍କ ପକ୍ଷରୁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଯେଉଁ ବିଭାଗ ରହିଛି, ତାହା ହେଉଛି ସାମାଜିକ ନ୍ୟାୟ ଓ କ୍ଷମତାୟନ ମନ୍ତ୍ରାଳୟ। ତେବେ ଏଇ ବରିଷ୍ଠ ନାଗରିକଙ୍କୁ ନେଇ ଅନେକ କଥା ଶୁଣିବାକୁ ମିଳେ। କିଛି ବର୍ଷ ତଳେ ପୁଅ ବୋହୂ ନିଜର ବୁଢ଼ୀ ମାକୁ ଠାକୁରାଣୀ ଦର୍ଶନ କରେଇବାକୁ କହି ଘରୁ ନେଇ ଯାଇ ମନ୍ଦିର ବେଢ଼ାରେ ଛାଡି ଦେଇ ଆସିଲେ। କିଛି ସାମାଜିକ କର୍ମୀ ବୁଢ଼ୀକୁ ଉଦ୍ଧାର କରି ତାଠାରୁ ନିଜ ଘରର ଠିକଣା ପଚାରି ଘରେ ଛାଡିବାର ବ୍ୟବସ୍ଥା କରିଥିଲେ। ପୁଅବୋହୂ ମଧ୍ୟ ବୁଢ଼ୀକୁ ଘରେ ରଖିବାକୁ ବାଧ୍ୟ ହୋଇଥିଲେ ଲୋକଲଜ୍ୟା ଭୟରେ। ନିକଟରେ କେରଳରେ ମଧ୍ୟ ଏଭଳି ଏକ ଘଟଣା ସମ୍ପର୍କରେ ଖବରକାଗଜରେ ବାହାରିଥିଲା। ଏତଦ୍‌ବ୍ୟତୀତ ସମ୍ପତି ଭାଗକୁ ନେଇ ପୁଅ ବାପାକୁ ମାଡ ମାରିବା ଘଟଣା ଆମ ରାଜ୍ୟରେ ଏକ ସାଧାରଣ ଘଟଣା ପାଲଟିଗଲାଣି। ହତ୍ୟା କରିବା ଘଟଣା ମଧ୍ୟ ଘଟୁଛି। ଏମିତି ଅନେକ ଧନୀ ବା ଆର୍ଥିକ ସ୍ୱଚ୍ଛଳ ବାପାମା ଅଛନ୍ତି, ଯେଉଁମାନଙ୍କ ପାଖରେ ଅର୍ଥର ଅଭାବ ନାହିଁ, କିନ୍ତୁ ଦୁଃଖ ହେଉଛି, ପୁଅ ସେମାନଙ୍କୁ ନିଜ ପାଖରେ ରଖୁନାହିଁ। ଏଭଳି ଘଟଣା ଅନେକ ଘଟୁଛି। ବରିଷ୍ଠ ନାଗରିକମାନେ ଏଥିରେ କମ୍ ବେଶୀ ଜଡିତ। ସମଗ୍ର ଦେଶରେ ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ, ଆର୍ଥିକ ସମସ୍ୟା ଏବଂ ସାମାଜିକ ସମ୍ମାନ ପାଇଁ ବହୁ ବରିଷ୍ଠ ନାଗରିକମାନେ ଆଜି ଅବହେଳିତ। ଭାରତ ସରକାରଙ୍କ ଟେକ୍ନିକାଲ ଗ୍ରୁପ ଅନ ପପୁଲେସନର ପୂର୍ବାଭାସ ଅନୁଯାୟୀ ୨୦୩୫ ମସିହା ବେଳକୁ ଆମ ଦେଶରେ ଷାଠିଏ ବର୍ଷରୁ ଅଧିକ ନାଗରିକଙ୍କ ସଂଖ୍ୟା ପ୍ରାୟ ତେଇଶ କୋଟିରେ ପହଂଚିବ। ମେଡିକାଲ ସାଇନ୍ସ ଏବେ ବହୁ ଆଗରେ। ଏଣୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ଗୋଟାଏ କଥା ଏଠାରେ ଉଲ୍ଲେଖ କରିବା ଦରକାର, ଭାରତରେ ଏବେ ଜନ୍ମ ହାର ହ୍ରାସ ପାଇବାରେ ଲାଗିଛି। ପୂର୍ବ ଭାରତ ବା ଉତ୍ତର ଭାରତ ଅପେକ୍ଷା ଦକ୍ଷିଣ ଭାରତରେ ଜନ୍ମ ହାର ବହୁତ କମ୍। କାରଣ ଦକ୍ଷିଣ ଭାରତର ଶିକ୍ଷିତ ଲୋକଙ୍କ ସଂଖ୍ୟା ବହୁତ। କମ୍ ସନ୍ତାନ ସୁଖୀ ପରିବାର ବୋଲି ସେମାନେ ଜାଣନ୍ତି। ଏଣୁ ସେଠାରେ ପିଲାଙ୍କ ଜନ୍ମ ହାର କମ୍। ଫଳରେ ବରିଷ୍ଠ ନାଗରିକଙ୍କ ସଂଖ୍ୟ ବଢ଼ିବାରେ ଲାଗିଛି। ଆମ ସଂସ୍କୃତ କହେ ବରିଷ୍ଠଙ୍କୁ ସମ୍ମାନ ଦିଅ। ଆମେ ମଧ୍ୟ ଆମ ଘରମାନଙ୍କରେ ଗୁରୁଜନଙ୍କୁ ସମ୍ମାନ ଦେଉ। ଏଣୁ ଏକ ଜନପ୍ରିୟ ଧାରଣା ହେଲା, ଭାରତୀୟ ପରିବାର ଗୁଡିକରେ ଗୁରୁଜନମାନେ ବହୁତ ସମ୍ମାନ ପାଆନ୍ତି। କିନ୍ତୁ ପରିସଂଖ୍ୟାନ ତାହା କୁହେ ନାହିଁ। 'ହେଲ୍ପ ଏଜ ଇଣ୍ଡିଆ'ର ଦେଶ ବ୍ୟାପି ସମୀକ୍ଷା ଅନୁଯାୟୀ ଶତକଡା ୮୨ ଭାଗ ବରିଷ୍ଠ ନାଗରିମମାନେ ସେମାନଙ୍କ ପରିବାର ସହିତ ରୁହନ୍ତି। କିନ୍ତୁ ଏମାନଙ୍କ ଭିତରୁ ଶତକଡା ୩୫ ଭାଗ ବରିଷ୍ଠ ନାଗରିକମାନଙ୍କ ଅଭିଯୋଗ ହେଉଛି, ସେମାନଙ୍କୁ ନିଜ ଘରେ ନିର୍ଯାତନା ଦିଆଯାଉଛି। ସବୁଠୁ ଅଧିକ ନିର୍ଯାତନା ଦେଉଛନ୍ତି ପୁଅ-ବୋହୂ। ଏମିତି ଅନେକ ବାପା-ମାଆ ସେମାନଙ୍କ ପୁଅ-ବୋହୂଙ୍କ ସମ୍ପର୍କରେ ବାହାରେ ପ୍ରକାଶ କରନ୍ତି ନାହିଁ। ତେବେ ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋ'ର ତଥ୍ୟ କହୁଛି ୨୦୨୪-୨୫ ମସିହା ମଧ୍ୟରେ ବରିଷ୍ଠ ନାଗରିମାନଙ୍କ ନିର୍ଯାତନାର ହାର ପ୍ରାୟ ଶତକଡା ଅଠର ଭାଗ ବଢ଼ିଛି। 'ଏଲ୍ଡର ଆବ୍ୟୁଜ ଉଇଦାଉଟ ବର୍ଡର' ପକ୍ଷରୁ ସଂପ୍ରତି ଏକ ତଥ୍ୟ ପ୍ରଦାନ କରାଯାଇଛି। ସେଥିରେ କୁହାଯାଇଛି, ବିଶ୍ୱର ପ୍ରତି ଚାରିଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଜଣେ ନିର୍ଯାତନା ଶିକାର। ଏମାନଙ୍କ ସମସ୍ୟା ଅନେକ।୨୦୨୪ ମସିହାରେ 'ହେଲ୍ପ ଏଜ'ପକ୍ଷରୁ ଆମ ଦେଶର କୋଡିଏଟି ସହରରେ ଏକ ସମୀକ୍ଷା କରାଯାଇଥିଲା ବରିଷ୍ଠ ନାଗରିକମାନଙ୍କ ସମସ୍ୟାକୁ ନେଇ। ଏଥିରେ ଶତକଡା ୬୫ ଭାଗ ବୁଢ଼ାବୁଢ଼ୀ ଆର୍ଥିକ ନିରାପତ୍ତାହୀନତାର ଶିକାର ବୋଲି ଜଣାପଡିଥିଲା। ଅନେକ ପ୍ରକାଶ କରିଥିଲେ, ସେମାନଙ୍କର କୌଣସି ପେନସନ ନ ଥିବାରୁ, ସେମାନେ ପୁଅଝିଅଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସମସ୍ୟା ବୁଢ଼ାଙ୍କ ଅପେକ୍ଷା ବୁଢ଼ୀଙ୍କ କ୍ଷେତ୍ରରେ ଅଧିକ। ବୟସ ଯେତେ ଅଧିକ ହୁଏ, ରୋଗ ସେତିକ ଅଧିକ ବଢେ। ଆମ ଦେଶରେ ଶତକଡା ୬୪ ଭାଗ ବରିଷ୍ଠ ନାଗରିକ ବିଭିନ୍ନ ରୋଗାକ୍ରାନ୍ତ। ଏଥିରୁ ଅଧିକାଂଶ ଡାଇବେଟିଜ, ହାଇପରଟେନେସନ, ଆର୍ଥଇଟିସ ଏବଂ ଶ୍ୱାସଜନିତ ରୋଗ। ଏସବୁ ରୋଗ ସହିତ ଲଢ଼ିବାର ଆର୍ଥିକ ଓ ମାନସିକ କ୍ଷମତା ସେମାନଙ୍କ ପାଖରେ ନାହିଁ। ଏକ ସମୀକ୍ଷାରୁ ଜଣାଯାଇଛି ଶତକଡା ୭୫ ଭାଗ ବୁଢ଼ାବୁଢ଼ି ପର ଉପରେ ପୁରାପୁରି ନିର୍ଭରଶୀଳ। ଏମାନେ ଠିକ୍ ଭାବରେ କାମ କରିପାରନ୍ତି ନାହିଁ। ବୟସ୍କ ମହିଳାଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ସବୁଠୁ ଅଧିକ। ବିଶେଷ କରି ବିଧବାମାନଙ୍କ କ୍ଷେତ୍ରରେ ସବୁଠୁ ଅଧିକ। ସତୁରି ବର୍ଷରୁ ଅଧିକ ବୁଢ଼ାବୁଢ଼ୀଙ୍କ ପାଇଁ କନ୍ଦ୍ରେ ସରକାର କରିଛନ୍ତି 'ଆୟୁଷ୍ମାନ ଭାରତ ଯୋଜନା। ଏଥିରେ ସେମାନଙ୍କ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମେଡିକାଲ ଖର୍ଚ୍ଚ ଦିଆଯାଉଛି। ଏହା କିଛି ନୁହେଁ।

ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

# ବଦଳୁଛି ଗଣତନ୍ତ୍ରର ମୌଳିକତା

## କିଶୋର ଚନ୍ଦ୍ର ବେହେରା

> ଅଗଷ୍ଟ କ୍ରାନ୍ତି ଦିବସ । ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଦିନ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତକୁ ବ୍ରିଟିଶ ମୁକ୍ତ କରିବା ପାଇଁ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଇଥିଲେ ଜାତିର ପିତା ମହାତ୍ମା ଗାନ୍ଧି । ଏହାପରେ ଭାରତବାସୀ ଏକଜୁଟ୍ ହୋଇ ଗୋରା ସାହେବଙ୍କ ବିରୋଧରେ ଲଢ଼େଇ କରିଥିଲେ । ମୁମ୍ବାଇର ଅରୁଣା ଆସିଫ ଅଲ୍ଲୀ ଗ୍ୱାଲିଆ କ୍ରାନ୍ତି ମଇଦାନରେ ପତାକା ଉଡ଼ାଇ ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ଆଜି ସେହି ମହାନ ସଂକଳ୍ପର ସ୍ମୃତି ଚାରଣ କରୁଛି ଭାରତ ବର୍ଷ। ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ।

ସଂଗ୍ରାମ ବିନା ମୁକ୍ତି ତଥା ସ୍ୱାଧୀନତା ସମ୍ଭବ ନ ଥିଲା । ଆଜି ଯେଉଁ ସ୍ୱାଧୀନତାର ସ୍ୱାଦକୁ ପ୍ରତ୍ୟେକ ଭାରତୀୟ ଅନୁଭବ କରୁଛନ୍ତି, ତାହା ବର୍ଷ ବର୍ଷର ସଂଗ୍ରାମ । କାରଣ ସ୍ୱାଧୀନତା ହେଉଛି ଦେଶ ଓ ଜାତିର ଅମୂଲ୍ୟ ସମ୍ପଦ। ଏହାକୁ ପାଇବା ପାଇଁ କେତେକ ଯେ କଷ୍ଟ କରାଯାଇଛି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଜଣା । ମହାତ୍ମାଗାନ୍ଧୀଙ୍କ ଡାକରାରେ ସମସ୍ତ ଦେଶବାସୀ ଯେତେବେଳେ ସ୍ୱାଧୀନତାର ଆନ୍ଦୋଳନରେ ଝାସ ଦେଇଥିଲେ, ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଯାଇଥିଲା ଇଂରେଜଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ମୁକ୍ତିର ଆନ୍ଦୋଳନରେ ଓଡ଼ିଶାର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶା ଏକ ପ୍ରମୁଖ ଓ ଗୌରବମୟ ଭୂମିକା ଗ୍ରହଣ କରିଥିଲା। ଏହି ଆନ୍ଦୋଳନରେ ହରେକୃଷ୍ଣ ମହତାବ, ଲକ୍ଷ୍ମଣ ନାୟକ ଏବଂ ପାର୍ବତୀ ଗିରି ଭଳି ମହାନ ନେତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବ୍ରିଟିଶ ବିରୋଧୀ ସଂଗ୍ରାମକୁ ଜୋରଦାର କରିଥିଲେ। ବର୍ଷ ବର୍ଷ ଧରି ଦାସତ୍ୱର ଶିକୁଳିରେ ବନ୍ଧା ହୋଇଥିବା ଭାରତ ୧୯୪୭ ମସିହାରେ ସ୍ୱାଧୀନ ହୋଇଥିଲା । ଏହି ସ୍ୱାଧୀନତା ଲକ୍ଷ ଲକ୍ଷ ଲୋକଙ୍କ ବଳିଦାନ କାରଣରୁ ସମ୍ଭବ ହୋଇପାରିଥିଲା । ଏହି ମହାନ ଲୋକମାନେ ନିଜର ତନ-ଧନ-ମନ ତ୍ୟାଗ କରି ଦେଶର ସ୍ୱାଧୀନତା ପାଇଁ ସବୁ କିଛି ଭେଟି ଦେଇ ଦେଇଥିଲେ । ସେମାନେ ତାଙ୍କ ପରିବାର, ଘର-ଦ୍ୱାର,ଦୁଖ-ସୁଖକୁ ଭୁଲି ନିଜର ପ୍ରାଣକୁ ଦେଶର ସ୍ୱାଧୀନତା ପାଇଁ ହରାଇ ଥିଲେ । ସ୍ୱତନ୍ତ୍ରତାର ଏହି ଆନ୍ଦୋଳନରେ ଆମ ସମାଜର ସବୁ ବର୍ଗର ଲୋକ ସାମିଲ ହୋଇଥିଲେ । କେବଳ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଆମ ଦେଶ ସ୍ୱାଧୀନରେ ସାମିଲ ହୋଇ ନଥିଲେ, ବରଂ ଏମିତି ଅନେକ ମହିଳା ସ୍ୱାଧୀନତା ସଂଗ୍ରାମୀ ଥିଲେ ଯେଉଁମାନେ ଦେଶର ସ୍ୱାଧୀନତାରେ ଯୋଗ ଦେଇଥିଲେ । ଓଡିଶାର ସେହି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ ସଲାମ, ଯେଉଁମାନେ ଏଥିରେ ସାମିଲ ହୋଇଥିଲେ ।

କ୍ରାନ୍ତିକାରୀମାନଙ୍କ ମୁଖ୍ୟ ସ୍ୱପ୍ନ ଥିଲା ଏକ ସ୍ୱାଧୀନ, ସମତାଭିତ୍ତିକ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର, ସ୍ୱାଧୀନତା ଏବଂ ଶୋଷଣରୁ ମୁକ୍ତି ମିଳିପାରିବ। ଜାତି, ଧର୍ମ କିମ୍ବା ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଅଧିକାର। ଦରିଦ୍ର ଓ ଅବହେଳିତ ବର୍ଗଙ୍କ ଉପରେ ଚାଲିଥିବା ଅନ୍ୟାୟ ଓ ଶୋଷଣର ଅନ୍ତ । ରାଜା କିମ୍ବା ବିଦେଶୀ ଶାସକଙ୍କ ବଦଳରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଶାସନ ବ୍ୟବସ୍ଥା। ମୌଳିକ ଅଧିକାରର ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଏବଂ ନିରାପତ୍ତା ପ୍ରଦାନ। ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି । ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା । ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ପୃଥିବୀରେ ତିନିଗୋଟି ଜନବିପ୍ଳବ ଜନ୍ମ ନେଲା ସମାନତା, ସ୍ୱତନ୍ତ୍ରତା ଓ ନ୍ୟାୟ । ଇଂଲାଣ୍ଡର ୧୬୮୮ ମସିହାର ଗ୍ଲୋରିୟସ ବିପ୍ଳବ , ୧୭୭୬ ମସିହାର ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାର ଫରାସୀ ବିପ୍ଳବ ବିଶ୍ୱ - ଇତିହାସକୁ ଓଲଟ ପାଲଟ କରିଦେଲା । ଅସୀମ ରାଜତନ୍ତ୍ର ସମାଧିରୁ ଜନ୍ମନେଲା ଗଣତନ୍ତ୍ର । ଏହା ମାତ୍ର ୪୦୦ ବର୍ଷ ତଳର କଥା । ଜନସାଧାରଣଙ୍କ ଦାବି ପୂରଣ ହେଲା ଓ ସେମାନେ ପାଇଲେ 'ସାର୍ବଭୌମ ଶାସନ କ୍ଷମତା' । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜନସାଧାରଣ ଏକଥା ସ୍ପଷ୍ଟ ବୁଝିପାରିଲେ ଯେ କ୍ଷମତାର ଦୁଇଟି ଉତ୍ସ – ଯଥା ଜନମତ ଓ ଜନସମ୍ମତି ହେଉଛି ଗଣତନ୍ତ୍ରର ଭିତ୍ତିଭୂମି। ବିଳମ୍ବରେ ହେଲେ ବି ଗଣତନ୍ତ୍ରରେ ସମସ୍ତ ନିଷ୍ପତ୍ତି ଆଲୋଚନା ଓ ବିତର୍କ ମାଧ୍ୟମରେ ନିଆଯାଏ । ଏହା ଏକ ଶିକ୍ଷଣୀୟ ଶାସନ ବ୍ୟବସ୍ଥା, ଯାହାକି ଜନସାଧାରଣଙ୍କୁ ରାଜନୈତିକ ନେତୃତ୍ୱ ଓ ଦାୟିତ୍ୱ ସମ୍ପର୍କରେ ଶିକ୍ଷିତ କରିଥାଏ । ଗଣତନ୍ତ୍ରରେ ସୃଷ୍ଟି ହେଉଥିବା ଭେଦଭାବ ଓ କନ୍ଦଳର ସମାଧାନ କେବଳ ଏକ ଶାନ୍ତ ପରିବେଶରେ ଆଲୋଚନା ମାଧ୍ୟମରେ ସମ୍ଭବ ହୁଏ । ଗଣତନ୍ତ୍ରରେ କେହି ସର୍ବଦା ଲାଭ ବା କ୍ଷତି ସହନ୍ତି ନାହିଁ । ଗଣତନ୍ତ୍ରରେ ବ୍ୟକ୍ତିର ଅଧିକାର, ସମାନତା ଓ ବ୍ୟକ୍ତି ପଦମର୍ଯ୍ୟାଦା ସୁରକ୍ଷିତ ରହେ ।

ଅଗଷ୍ଟ କ୍ରାନ୍ତି ଦିବସ । ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଦିନ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତକୁ ବ୍ରିଟିଶ ମୁକ୍ତ କରିବା ପାଇଁ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଇଥିଲେ ଜାତିର ପିତା ମହାତ୍ମା ଗାନ୍ଧି । ଏହାପରେ ଭାରତବାସୀ ଏକଜୁଟ୍ ହୋଇ ଗୋରା ସାହେବଙ୍କ ବିରୋଧରେ ଲଢ଼େଇ କରିଥିଲେ । ମୁମ୍ବାଇର ଅରୁଣା ଆସିଫ ଅଲ୍ଲୀ ଗ୍ୱାଲିଆ କ୍ରାନ୍ତି ମଇଦାନରେ ପତାକା ଉଡ଼ାଇ ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ଆଜି ସେହି ମହାନ ସଂକଳ୍ପର ସ୍ମୃତି ଚାରଣ କରୁଛି ଭାରତ ବର୍ଷ। ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ। ଇତିହାସକୁ ମନେ ପକାଇ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ଦେଶ ପାଳୁଛି କ୍ରାନ୍ତି ଦିବସ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିନ୍ତାଧାରା ଦେଶପ୍ରେମ, ଜାତୀୟତାବୋଧ, ଅହିଂସା, ସାମାଜିକ ସମତା ଏବଂ ସ୍ୱରାଜ ଉପରେ ପର୍ଯ୍ୟବସିତ ଥିଲା। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଏକ ସ୍ୱାଧୀନ, ଆତ୍ମନିର୍ଭରଶୀଳ ଏବଂ ଏକତାବଦ୍ଧ ଭାରତ ଗଠନ କରିବା । ସୁଦୃଢ଼ ଗଣତନ୍ତ୍ରର ସ୍ଥାପନ ନିମନ୍ତେ ଦେଖିଥିଲେ ଅସୁମାରୀ ସ୍ୱପ୍ନ। ସମସ୍ତ ପରିକଳ୍ପନାର ବାସ୍ତବତାକୁ ଧୂଳି ସାତ କରିଦେଲାଣି ଆଜିର ଚତୁର ସଭ୍ୟତାର ନାଗରିକ ବୃନ୍ଦ । ଗଣତନ୍ତ୍ର କେବଳ ନାମକୁ ମାତ୍ର କାରଣ ଏ ଦେଶର ଜନତାଙ୍କ ଭିତରେ ଗରିବ ହେବାଲାଗି ଗଣଦୌଡ଼। ନାଁ କେମିତି ପଡିକାର୍ଡରେ ରହିବ, କେମିତି ମିଳିବ ଇନ୍ଦିରା ଆବାସ, କେମିତି ମିଳିବ ବିଭିନ୍ନ ସବ୍‌ସିଡି ଏଇଥିରେ ବିତିଯାଏ ଜନତାର ଜୀବନ। ତା' ଭିତରେ ସେ ଭୁଲିଯାଏ ସେ ଦେଶର ମାଲିକ ବୋଲି। ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଆଜିର ସମାଜରେ ଗଣତନ୍ତ୍ର ପ୍ରତି ଲୋକଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଏବଂ ନୈରାଶ୍ୟର ଏହା ଏକ ପ୍ରତିଫଳନ । ନିର୍ବାଚନ, ସ୍ୱାଧୀନତା ଏବଂ ଜନକଲ୍ୟାଣ ନାମରେ ଚାଲିଥିବା ବ୍ୟବସ୍ଥା ପ୍ରତି ଯେତେବେଳେ ସାଧାରଣ ଜନତାଙ୍କ ଆସ୍ଥା ତୁଟେ, ସେତେବେଳେ ଏଭଳି ଚିନ୍ତାଧାରା ପ୍ରକାଶ ପାଇଥାଏ।

୨୦୪୭ ସୁଦ୍ଧା ବିକଶିତ ଭାରତର ପରିକଳ୍ପନାକୁ ଆଗେଇ ନେବାରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବାକୁ ପଡ଼ିବ। ନାଗରିକମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ଏବଂ ଦାୟିତ୍ୱ ବିଷୟରେ ଜ୍ଞାନ ସହିତ ସଶକ୍ତ କରିବା, ଆଇନଗତ ଅନୁପାଳନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶରେ ଆଇନର ଶାସନକୁ ସୁଦୃଢ଼ କରିବା ପାଇଁ କ୍ରାନ୍ତିକାରୀଙ୍କ ଗଣତାନ୍ତ୍ରିକ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିବା। ଆମର ବ୍ୟକ୍ତିଗତ କାର୍ଯ୍ୟରୁ ଉର୍ଦ୍ଧ୍ୱକୁ ଉଠି ପ୍ରଗତି, ଅନ୍ତର୍ଭୁକ୍ତୀକରଣ ଏବଂ ଧାରଣୀୟ ବିକାଶର ସ୍ତମ୍ଭ ଉପରେ ନିର୍ମିତ ହୋଇଥିବା ଏକ ରାଷ୍ଟ୍ର ଗଠନ ପାଇଁ ହାତ ମିଳାଇବାର ଏକ ଆନ୍ତରିକ ସଂକଳ୍ପ । ଭାରତର ଜନକଲ୍ୟାଣକାରୀ ଏବଂ ସମାବେଶୀ ନୀତି ସାଧାରଣ ମଣିଷର ଜୀବନଶୈଳୀକୁ ସୁରକ୍ଷିତ ଓ ଦୃଢ଼ କରିଛି । ମହିଳା, ଯୁବପିଢ଼ି ତଥା ବଞ୍ଚିତ ବର୍ଗର ଲୋକମାନେ ଆଜି ଆଶା ଓ ଉତ୍ସାହର ସହ ନିଜ ପରିବାର ଏବଂ ସମାଜ ପାଇଁ ମୂଲ୍ୟବାନ ଯୋଗଦାନ ରଖୁଛନ୍ତି । କିନ୍ତୁ, ଭାରତବର୍ଷର ପ୍ରଗତିରେ ଭ୍ରଷ୍ଟାଚାର, ବଂଶବାଦ ଓ ତୁଷ୍ଟୀକରଣ ମନୋବୃତ୍ତି ଆଧାରିତ ରାଜନୀତି ବାଧକ ସାଜିଛି । ଏହିସବୁ ବିଷୟ, ଦେଶକୁ ଏକ ପ୍ରଗତିଶୀଳ, ବିକଶିତ ଏବଂ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢି ତୋଳିବାର ପ୍ରକ୍ରିୟାରେ ବାଧକ ହୋଇଛି । ସାଧାରଣ ଭାରତୀୟମାନଙ୍କର ନ୍ୟାୟପୂର୍ଣ୍ଣ, ଭ୍ରଷ୍ଟାଚାର ତଥା ଅରାଜକତା ମୁକ୍ତ ଶାସନ ପାଇବାରେ ପ୍ରତିବନ୍ଧକ ସାଜୁଛି । ତେଣୁ ଗାନ୍ଧିଜୀଙ୍କ ୧୯୪୨ର ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଆଜି ଆହୁରି ବଢ଼ିଯାଇଛି ବୋଲି ସଚେତନ ନାଗରିକମାନେ ଚିନ୍ତା ପ୍ରକଟ କରିଛନ୍ତି । ଭ୍ରଷ୍ଟାଚାରୀ, ବଂଶବାଦୀ ଓ ତୁଷ୍ଟିକରଣ ରାଜନୀତି କରୁଥିବା ଅପଶକ୍ତିମାନଙ୍କ ଠାରୁ ଭାରତକୁ ସୁରକ୍ଷିତ ରଖିବା ପାଇଁ ଆଜିର ଦିନରେ ସଂକଳ୍ପ ନେବା । ଏହି ନୂତନ ଭାରତ ଛାଡ ଆନ୍ଦୋଳନ ହିଁ ଗାନ୍ଧିଜୀଙ୍କ ପରିକଳ୍ପିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ବିକଶିତ ଭାରତବର୍ଷ ନିର୍ମାଣକୁ ସୁନିଶ୍ଚିତ କରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତି ଅଭିଯାନ

# ବୌଦ୍ଧକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ବୌଦ୍ଧ,୬।୮ (ନିପ୍ର): ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବୌଦ୍ଧ ଶାଖା ପକ୍ଷରୁ ସ୍ଥାନୀୟ ଦିବ୍ୟ ପ୍ରକାଶ ଭବନ ପରିସରରେ ଏକ ନିଶାମୁକ୍ତି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସମାଜରୁ ନିଶାସକ୍ତି ଦୂର କରି ଏକ ସୁସ୍ଥ, ସୁନ୍ଦର ଓ ସଂସ୍କାରବାନ୍ ସମାଜ ଗଠନର ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାବାସୀଙ୍କୁ ବୌଦ୍ଧକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସାମୂହିକ ଉଦ୍ୟମ କରିବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦ୍ର ପରିଚାଳିକା ବି.କେ. ମାମିନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବି.କେ. ସରୋଜ,, ଅଧ୍ୟାପକ ଡଃ ପ୍ରବୀର କୁମାର ଦାସ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବୌଦ୍ଧ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଏକ ସୁନ୍ଦର ଜିଲ୍ଲା । ଏଠାରେ ନଦୀ, ପାହାଡ଼, ଝରଣା ଏବଂ ପ୍ରାକୃତିକ ସମ୍ପଦ ସହ ଲୋକମାନଙ୍କର ସରଳତା ଏହାର ପ୍ରକୃତ ପରିଚୟ । କିନ୍ତୁ ନିଶାସକ୍ତି ଅନେକ ପରିବାରକୁ ବିପଥଗାମୀ କରୁଛି । ଏହା ଦୁର୍ଘଟଣା, ପାରିବାରିକ କଳହ, ଆର୍ଥିକ କ୍ଷତି ଓ ଶିଶୁମାନଙ୍କ ଭବିଷ୍ୟତକୁ ବିପନ୍ନ କରୁଛି । ତେଣୁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସମ୍ମିଳିତ ପ୍ରୟାସରେ ବୌଦ୍ଧକୁ ଏକ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବି.କେ. ମାମିନା ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଇଥିଲେ । ବକ୍ତାମାନେ ନିଶାମୁକ୍ତିକୁ କେବଳ ବ୍ୟକ୍ତିଗତ ନୁହେଁ, ବରଂ ପାରିବାରିକ, ସାମାଜିକ ଓ ନୈତିକ ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ସଂସ୍ଥାର ଭାଇ-



ଭଉଣୀମାନଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ, ଶିକ୍ଷାବିତ୍, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବହୁ ସଂଖ୍ୟକ ସଚେତନ ନାଗରିକ ଉପସ୍ଥିତ ରହି ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ ବ୍ୟକ୍ତ କରିଥିଲେ । ଶେଷରେ ସମସ୍ତଙ୍କୁ ନିଜେ ନିଶାମୁକ୍ତ ରହିବା ସହ ପରିବାର ଓ ସମାଜକୁ ନିଶାମୁକ୍ତ କରିବା ଦିଗରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରାଯାଇଥିଲା ।

## ପାଗଳା ମାଙ୍କଡ଼ କାମୁଡ଼ାରେ ୬ ଆହତ

ନିମାପଡ଼ା,୬।୮ (ନିପ୍ର): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଅଞ୍ଚଳରେ ପାଗଳା ମାଙ୍କଡ଼ କାମୁଡ଼ାରେ ୬ ଜଣ ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଦଳେ ହନୁ ମାନଙ୍କଡ଼ ଗ୍ରାମ ରାସ୍ତା ଉପରେ ବସି ରହିଥିଲେ । ଗାଡ଼ି ମଟର ଯାତାୟତ କରୁଥିବା ବେଳେ କେତେଜଣ ବ୍ୟକ୍ତି ମାଙ୍କଡ଼ଙ୍କୁ ରସ୍ତାରୁ ହଟାଇବା ନିମନ୍ତେ ଉଦ୍ୟମ କରିଥିଲେ । ଏହା ଦେଖି ମାଙ୍କଡ଼ ଦଳ ଏଣେ ତେଣେ ଦୌଡୁଥିବା ବେଳେ ଗୋଟିଏ ମାଙ୍କଡ଼ ଯାହାକୁ ଦେଖିଲା ଗୋଡ଼େଇ ଗୋଡ଼େଇ କାମୁଡ଼ି ଥିଲା । ଜନସାଧାରଣ ଦୌଡ଼ାଦୌଡ଼ି ହୋଇ ଘରେ ସବୁ ଲୁଚି ଯାଇଥିଲେ । ତେବେ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ସେମାନେ ହେଲେ ବିଜୟାନନ୍ଦ ଦାସ, କାଳନ୍ଦୀ ପରିଡ଼ା, ବାବୁଲି କବିନ୍ଦ୍ର ଦାସ ଏବଂ ଅନ୍ୟ ୨ ଜଣଙ୍କ ନାମ ମିଳି ପାରି ନାହିଁ । ମାଙ୍କଡ଼ଙ୍କ ଉତ୍ପାତ ରୋକିବା ନିମନ୍ତେ ଗୋପ ବନାଂଚଳ ଅଧିକାରୀ ଏକ ସରକାରୀ ଗାଡ଼ିରେ ଗ୍ରାମରେ ପହଂଚି ମାଙ୍କଡ଼କୁ ନିରୀକ୍ଷଣ କରିଥିଲେ ହେଁ ଟ୍ରାଙ୍କୁଲାଇଜର ନ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଜଙ୍ଗଲ ବିଭାଗ କର୍ମଚାରୀ ତେବେ କ'ଣ ପାଇଁ ଆସିଥିଲେ ବୋଲି ଜନସାଧାରଣ ପ୍ରଶ୍ନ କରି ଏହାର ତଦନ୍ତ ନିମନ୍ତେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି ।

## ଶିକ୍ଷକଙ୍କ ଦାବି ପୂରଣରେ ସରକାରଙ୍କ ଟାଳଟୁଳ ନୀତି

ରାୟଗଡା,୬।୮ (ନିପ୍ର): ବର୍ତ୍ତମାନ ରାଜ୍ୟ ସରକାର ଅନୁଦାନ ପ୍ରାପ୍ତ ଶିକ୍ଷକମାନଙ୍କ ମୌଳିକ ଦାବି ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରାଯାଇଛି । ଦାବି ଗୁଡିକ ପୂରଣ ନକଲେ ଶିକ୍ଷକ ମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଆଜି ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଫାଇନାନସ ଅଫିସର କେଦାର ଚନ୍ଦ୍ର ନାୟକଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ପୁରୁଣା ପେନସନ ପ୍ରଦାନ, ଅବସର ସୀମା ୬୨କୁ ବୃଦ୍ଧି, ଅନୁଦାନ ପ୍ରାପ୍ତ ସ୍କୁଲ ମାନଙ୍କରେ ଖାଲି ପଡିଥିବକ୍ଷ ପଦବୀ ପୂରଣ କରିବା ଇତ୍ୟାଦି ରହିଛି । ରାଜ୍ୟ ସରକାର ଦାବି ଗୁଡିକୁ ଆଡେଇ ଦେଇ କମିଟି କରି ସ୍କୁଲ ଓ କଲେଜ କର୍ମଚାରୀ ମାନଙ୍କୁ ଫାଙ୍କୁ ଥିବା ପ୍ରତିବାଦରେ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀ ମାନେ ବର୍ତ୍ତମାନ ଆନ୍ଦୋଳନ ନିମନ୍ତେ ସଜବାଜ ହୋଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ଗାଦିଆଖଳା, ଘନାନ୍ତ୍ରୀ, ଚିନାସାରି, ରେଗେଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ ବିକ୍ଷୋଭ ରେ ସାମିଲ ହୋଇଥିଲେ । ଆସନ୍ତା ୭ ତାରିଖ ରେ ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଗଷ୍ଟ ୧୬ ତାରିଖରେ ରାଜ୍ୟର ସମସ୍ତ ଅନୁଦାନ ପ୍ରାପ୍ତ ଶିକ୍ଷକ କର୍ମଚାରୀ ଦାବି ପୂରଣ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବେ ବୋଲି ଶିକ୍ଷକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ସାମ୍ବାଦିକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ

ନୟାଗଡ,୬।୮ (ନିପ୍ର): ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି । କ୍ଲବ୍ ସଭାପତି ରୋଟାରିଆନ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜୋନାଲ ଚେୟାରମ୍ୟାନ ରୋଟାରିଆନ ସରୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲାର ୬୦ରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ । ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସୁରଦେଓ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଅଶୋକ ମହାପାତ୍ର ଓ ରଜତ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ସାମ୍ବାଦିକତା ଦିବସର ମହତ୍ତ୍ୱ, ଓଡ଼ିଆ ସାମ୍ବାଦିକତାର ଗୌରବମୟ ପରମ୍ପରା ଏବଂ ଏହାର ମୌଳିକତା ଓ ବିଶ୍ୱସନୀୟତା ରକ୍ଷାରେ ସାମ୍ବାଦିକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ରୋଟାରୀ କ୍ଲବ୍ ସଦସ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶନ୍ନ କୁମାର ବସନ୍ତିଆ, ମିହିର ରଞ୍ଜନ ନାୟକ, ଶ୍ରୀକୁମାର ରଥ, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ୫୭ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କୁଚିଣ୍ଡା,୬।୮ (ନିପ୍ର):ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅନୁଷ୍ଠିତ ହୋଇଯାଇଛି ।ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଡିଡିଆରଓ ରବୀନ୍ଦ୍ର ଶତପଥି ଓ ଡିଏସଏସଓ ସୌରୀ ଚରଣ ପାଣି ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିବିରରେ ଭୀମସାର, ବୁର୍ଲାରୁ ଆସିଥିବା ବିଶେଷଜ୍ଞ ଡାକ୍ତରୀ ଦଳ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ହିତାଧିକାରୀଙ୍କ ସାର୍ଟିଫିକେଟ ଯାଞ୍ଚ ସହ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ । ଡାକ୍ତରୀ ଦଳରେ ଫିଜିସିଆନ୍ ଡା.ମୌସୁମୀ ବିଶି,ଭେଷଜ ବିଶେଷଜ୍ଞ ଡା. ଦୀପକ ପାଲ,ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ସିଦ୍ଧାନ୍ତ ପ୍ରଧାନ, ଚକ୍ଷୁ ବିଶେଷଜ୍ଞ ଡା.ଗୁରୁଦେବ ବିଶି,ଅଡିଓଲୋଜି ବିଶେଷଜ୍ଞ ଡା.ଓମପ୍ରକାଶ ସିଂ ସାମନ୍ତ ଏବଂ ଇଏନଟି ବିଶେଷଜ୍ଞ ଡା.ସୁମନ୍ତ କର ପ୍ରମୁଖ ସାମିଲ ହୋଇଥିଲେ । ଏଥିରେ ଦୃଷ୍ଟି ବାଧିତ ୧୨ ଜଣ,ଶ୍ରବଣ ବାଧିତ ୭ ଜଣ, ଶାରୀରିକ ଅକ୍ଷମତା ସମ୍ପନ୍ନ ୨୪ ଜଣ, ମାନସିକ ଅନଗ୍ରସର ୧୩ ଜଣ,ସିକିଲ ସେଲ୍ ରୋଗରେ ପୀଡ଼ିତ ୬ ଜଣ ଏବଂ ହେମୋଫିଲିଆରେ ପୀଡ଼ିତ ୧ ଜଣଙ୍କ ସହ ମୋଟ ୫୭ ଜଣ ଭିନ୍ନକ୍ଷମଙ୍କ ପଞ୍ଜିକରଣ ଓ ଯାଞ୍ଚ କରାଯାଇଥିଲା ।

## ବଜ୍ରପାତରେ ଦୀନମଜୁରିଆଙ୍କ ମୃତ୍ୟୁ, ସହାୟତା ପାଇଁ ଗ୍ରାମବାସୀଙ୍କ ଦାବି

ନିରାକାରପୁର,୬।୮ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ହଜ ଗ୍ରାମପଞ୍ଚାୟତର ମୁକ୍ତାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ବୁଧବାର ଅପରାହ୍ନ ପ୍ରାୟ ୨ ଘଟିକା ସମୟରେ ବଜ୍ରପାତ ଘଟି ଜଣେ ଦୀନମଜୁରିଆଙ୍କ ଜୀବନ ଯାଇଛି । ମୃତକ ହେଲେ ମୁକ୍ତାପୁର ଗ୍ରାମର ଟୁକୁନା ସାହୁ (୫୨) ।ମିଳିଥିବା ସୂଚନା ଅନୁସାରେ, ଅପରାହ୍ନରେ ଟୁକୁନା ବିଲରେ ଧାନତଳି ମାରୁଥିବା ସମୟରେ ହଠାତ୍ ପ୍ରବଳ ବଜ୍ରପାତ ହୋଇଥିଲା । ବଜ୍ରଘାତରେ ସେ ସେହିଠାରେ ହିଁ ଗୁରୁତର ଆହତ ହୋଇ ପଡ଼ିଥିଲେ । ନିକଟସ୍ଥ ବିଲରେ କାମ କରୁଥିବା ଅନ୍ୟ ଚାଷୀମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ ଟୁକୁନାଙ୍କ ଘରେ ତାଙ୍କ ପତ୍ନୀ, ଗୋଟିଏ ପ୍ରାପ୍ତବୟସ୍କା ଝିଅ ଓ ଗୋଟିଏ ପୁଅ ଅଛନ୍ତି । ସେ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ । ତାଙ୍କ ପରିବାର ଅତ୍ୟନ୍ତ ଗରିବ ଓ ନିରୀହ ହୋଇଥିବାରୁ, ଏହି ଦୁଃଖଦ ସମୟରେ ମୃତକଙ୍କ ଅସହାୟ ପରିବାରକୁ ତୁରନ୍ତ ଆର୍ଥିକ ତଥା ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦୃଢ଼ ଦାବି କରାଯାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଅଭିଭାବକ-ଶିକ୍ଷକ ସମ୍ମନ୍ୱୟ ବୈଠକ

ନିମାପଡ଼ା,୬।୮ (ନିପ୍ର); ଏହି ଅଂଚଳର ଅନ୍ୟତମ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଚୀ ବାଳିକା ବିଦ୍ୟାପୀଠରେ (ତୁଳସୀପୁର) ପ୍ରଥମ ଅଭିଭାବକ-ଶିକ୍ଷକ ସମ୍ମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁରାମ ମହାପାତ୍ର, ଉପ-ସଭାପତି ଉଷାରାଣୀ କାଣ୍ଡି, ସଭ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ୫୨ ଜଣ ଅଭିଭାବକ ଯୋଗ ଦେଇ ନିଶାମୁକ୍ତ ଭାରତ-ବିକଶିତ ଭାରତ, ମା'ଙ୍କ ପାଇଁ ଗାଛଟିଏ, ଡ଼ିଜିଟାଲ ଦୁନିଆରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ବୃତି ମାର୍ଗ ଦର୍ଶନ ସଂପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଉନ୍ନତି ତଥା ଶିକ୍ଷା ସଂପର୍କରେ ଅଭିଭାବକମାନେ ଗଠନ ମୂଳକ ପ୍ରସ୍ତାବ ଦେଇଥିଲେ । ଶିକ୍ଷୟିତ୍ରୀ ରାଜଶ୍ରୀ ସେଠୀ, କଳ୍ପନା ବଳ, ରୂପାଲି ବେହେରା, ଏଲିନା ଖୁଂଟିଆ, ଶିକ୍ଷା କର୍ମଚାରୀ ରମେଶ ଘଡ଼େଇ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି

ପାରଳାଖେମୁଣ୍ଡି,୬।୮ (ନିପ୍ର): ଚଳିତ ବର୍ଷର ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହେବ । ଚଳିତ ବର୍ଷର ସ୍ୱାଧୀନତା ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ ଘଟିକା ସମୟରେ ପାରଳାଖେମୁଣ୍ଡି ସହରରେ ରାମଧୂନ ପରିବେଷଣ କରାଯିବ ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯିବା । ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ଘ.୭.୦୦ ଘ.ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ

ସୋନପୁର,୬।୮ (ନିପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁଭା ଭାରତ, ସୁବର୍ଣ୍ଣପୁର ପକ୍ଷରୁ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ସମ୍ମିଳନୀ କକ୍ଷରେ "ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ" ଶୀର୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ମେରା ଯୁଭା ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରଶନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଶାମୁକ୍ତ ସମାଜ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ଯୁବମାନଙ୍କୁ ପ୍ରେରିତ କରିଥିଲେ । ଏହାସହ ଏନ୍ଏସ୍ଏସ୍ ଡିପିଓ ଧିରେନ୍ କୁମାର ମିଶ୍ର ମଧ୍ୟ ନିଜର ମତାମତ ରଖି ଯୁବମାନଙ୍କୁ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ ନ କରିବାକୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ କବିତା, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସ୍ଲୋଗାନ, ନୃତ୍ୟ, ନାଟକ ଓ ଭିଡିଓ ନିର୍ମାଣ ସମେତ ମୋଟ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।ପ୍ରତିଯୋଗିତାର ବିଚାରକ ଭାବେ କଳାକାର ପ୍ରଦ୍ୟୁମ୍ନ ସାହୁ, ନାଟ୍ୟଶ୍ରୀ ଗଦାଧର ବାରିକ, ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର, ପିନାକୀ ମିଶ୍ର, ଗୀତିକାର ନୂର ବେଗମ୍ ଓ ପ୍ଲାବନ ମହାପାତ୍ର ଓ ଅନ୍ୟ ମାନେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ ।କବିତା ପ୍ରତିଯୋଗିତାରେ ଅଂଶୁମାନ ପଣ୍ଡା ପ୍ରଥମ, ଅଦ୍ୟାଶା ସାହୁ ଦ୍ୱିତୀୟ ଏବଂ ପ୍ରିୟଙ୍କା ରାଣୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ସଙ୍ଗୀତା ପାଣିଗ୍ରାହୀ ପ୍ରଥମ, ପ୍ରିୟଙ୍କା ମିଶ୍ର ଦ୍ୱିତୀୟ ଓ ବିଶ୍ୱରୂପା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ମନୋରଞ୍ଜନ ସାହୁ ପ୍ରଥମ, ସମୀକ୍ଷା ସାହୁ ଦ୍ୱିତୀୟ ଏବଂ ବିନୀତ କମ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସ୍ଲୋଗାନ ପ୍ରତିଯୋଗିତାରେ ଅଭିଲିପ୍ସା ଶତପଥୀ ପ୍ରଥମ, ଅମନ କୁମାର ସୁନା ଦ୍ୱିତୀୟ ଓ ଯଶୋଷିକ ପଟେଲ ତୃତୀୟ ସ୍ଥାନ ହାସଲ କରିଥିଲେ ।ଜିଲ୍ଲାର ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ଶମ୍ଭୁରାଜ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱଚ୍ଛାସେବୀ ତଥା ପ୍ରକୃତି ବନ୍ଧୁ ଡ଼. ହୃଷୀକେଶ ଦେହେରୀ ସହଯୋଗ କରିଥିଲେ । ଶେଷରେ ଅଫିସ ପରିଚାଳକ ତଥା ପ୍ରକୃତି ବନ୍ଧୁ କୃପାସିନ୍ଧୁ ସା ସମସ୍ତଙ୍କୁ ସହୃଦୟ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ ।

## ବୁଲା ଗୋରୁଙ୍କ ପ୍ରାଦୁର୍ଭାବ: ରାତିରେ ଯାତାୟାତ ବିପଦ ସଙ୍କୁଳ

ସୋନପୁର,୬।୮(ନିପ୍ର):ସୁବର୍ଣ୍ଣପୁର ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ଏବେ ବୁଲା ଗୋରୁଙ୍କ ଜମାବଡ଼ା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି । ବିଶେଷ କରି ସହରର ପ୍ରମୁଖ ସ୍ଥାନ ପଟାଭାଡ଼ି ଛକରେ ରାତି ସମୟରେ ରାସ୍ତା ମଝିରେ ଶହ ଶହ ସଂଖ୍ୟାରେ ଗାଈଗୋରୁ ବସି ରହୁଥିବାରୁ ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ଯାତାୟାତରେ ବିପଦ ଓ ଦୁର୍ଘଟଣା ଆଶଙ୍କା ସନ୍ଧ୍ୟା ହେଲେ ମୁଖ୍ୟ ରାସ୍ତା ଉପରେ ଗାଈଗୋରୁଙ୍କ ଭିଡ଼ ଜମୁଛି । ଫଳରେ ରାତି ସମୟରେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀ, ବିଶେଷ କରି ବାଇକ୍ କିମ୍ବା ଅନ୍ୟ ହାଲୁକା ଗାଡ଼ି ଚାଳକମାନେ ଘୋର ବିପଦର ସମ୍ମୁଖୀନ ହେଉଛନ୍ତି । ଅନ୍ଧାରରେ



ରାସ୍ତା ମଝିରେ ବସିଥିବା ଗୋରୁମାନଙ୍କୁ ଠିକ୍ ସମୟରେ ଦେଖି ନପାରି ଗାଡ଼ି ଚାଳକମାନେ ନିୟନ୍ତ୍ରଣ ହରାଇବାର ଭୟ ଅଧିକ ରହୁଛି । ଏହି କାରଣରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟି ଜୀବନହାନି ହେବାର ଆଶଙ୍କା ଦେଖାଦେଇଛି । ପ୍ରଶାସନିକ ଅବହେଳା ଓ କାଞ୍ଜି ଗୃହର ଦୁରବସ୍ଥା ଏଭଳି ଗମ୍ଭୀର ସମସ୍ୟା ସତ୍ତ୍ୱେ ପ୍ରଶାସନର ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସହରରେ କାଞ୍ଜି ଗୃହର ବ୍ୟବସ୍ଥା ରହିଛି, ମାତ୍ର ଏହାର ସଠିକ୍ ପରିଚାଳନା କରାଯାଉ ନାହିଁ । ବୁଲା ଗୋରୁମାନଙ୍କୁ ରାସ୍ତାରୁ ଉଦ୍ଧାର କରି ଏହି କାଞ୍ଜି ଗୃହ କିମ୍ବା ଅନ୍ୟ କୌଣସି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାରେ ପୌରପାଳିକା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହା ପ୍ରଶାସନର ଏକ ବଡ଼ ଧରଣର ଦାୟିତ୍ୱହୀନତା ଏବଂ ଅବହେଳାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏବେ ସ୍ଥାନୀୟ ବାସିନ୍ଦା ଓ ସଚେତନ ନାଗରିକ ଅଣ୍ଟା ଭିଡ଼ିଛନ୍ତି । ରାସ୍ତାରେ ବସୁଥିବା ଗୋରୁଙ୍କ ଫଟୋ ଏବଂ ଏହି ସମସ୍ୟାର ବିସ୍ତୃତ ବିବରଣୀକୁ ନେଇ ସ୍ଥାନୀୟ ପୌରପାଳିକା ନିକଟରେ ଦାବିପତ୍ର ପ୍ରଦାନ କରିବାକୁ ପ୍ରସ୍ତୁତି ଚାଲିଛି ।

## ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଧାନ ଚାଷ କ୍ଷତିଗ୍ରସ୍ତ

କଣ୍ଟିଲୋ,୬।୮ (ନିପ୍ର): ଲଗାଣ ବର୍ଷା ସାଙ୍ଗକୁ ମହାନଦୀ ବନ୍ୟା ପାଣି ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ଓ ସିଧାମୂଳା ଅଞ୍ଚଳର ଅନେକ ଚାଷୀଙ୍କ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି ।କଣ୍ଟିଲୋ ଜଳସେଚନ ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ବଡବାଣପୁର ପଞ୍ଚାୟତର କୁମୁଣ୍ଡି ଗ୍ରାମ ଠାରୁ ନିକଟସ୍ଥ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମହାନଦୀ ମାଳବନ୍ଧରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଏକ ସ୍ଲୁଇସ ଫାଟକ ବନ୍ୟା ପାଣି ମାଡରେ ଖସି ପଡିବା ଯୋଗୁଁ ମାଳବନ୍ଧର ଅପର ପାର୍ଶ୍ୱରେ ଅବସ୍ଥିତ ଏକର ଏକର ଧାନ ଚାଷ ଜମିରେ ବନ୍ୟା ପାଣି ମାଡି ଯାଇଥିବା ଜଣାପଡିଛି ।ଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।ଧାର ଉଧାର କରି ଚାଷୀମାନେ ଜମିରେ ରୋଇଥିବା ଧାନ ତଳି ଗୁଡ଼ିକ ଏବେ ନଷ୍ଟ ହେବାକୁ ଲାଗିଲାଣି ।ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ



ଦାୟିତ୍ୱହୀନତା ଯୋଗୁଁ ଧାନ ଫସଲ ନଷ୍ଟ ହେଲା ବୋଲି ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମର ଚାଷୀ ଶିବାଜୀ ରାଉତ,ସୁଲେଖି ନାୟକ,ସନାତନ ସାହୁ,ଅନାଦି ସ୍ୱାଇଁ ଘଣାଶାଳିଆ ଗ୍ରାମର ଚାଷୀ ସତ୍ୟବାଦୀ ଜେନା,ଦିଲ୍ଲୀପ ରାଉତ ଓ କୁମୁଣ୍ଡି ଗ୍ରାମର ଚାଷୀ ବିନୋଦ ରାଉତ,କୈଳାସ ପ୍ରଧାନ ପ୍ରମୁଖ ଏକାଧିକ ଚାଷୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀ ପରିବାର ଗୁଡିକୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ନଚେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆଗାମୀ ଦିନରେ ବାଧ୍ୟ ହୋଇ କଣ୍ଟିଲୋସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବ୍ଲକସ୍ତରୀୟ ଧାରଣା

ବଡ଼ସାହି,୬ ।୮ (ନିପ୍ର): ବଡ଼ସାହି ବ୍ଲକ ସ୍ତରୀୟ ଧାରଣା ଓ ପ୍ରତିବାଦ ସଭା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବ୍ଲକ ସଂପାଦକ ଡ଼କ୍ଟର ଡମ୍ବରୁଧର ରାଉତଙ୍କ ତତ୍ତ୍ୱାବଧାନରେ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଉକ୍ତସଭାରେ ପୂର୍ବତନ ବ୍ଲକ ସଭାପତି ସରୋଜ କୁମାର ବେହେରା ସଭାପତିତ୍ୱ କରିଥିଲେ । ବକ୍ତାଭାବେ ଜିଲ୍ଲା ସହ ସଂପାଦକ ପ୍ରଭାସ କୁମାର ନାୟକ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଦେବରାଜ ନାୟକ , ସନ୍ତୋଷ କୁମାର ମୁଖି , ଅକ୍ଷୟ କୁମାର ବାରିକ, ରତିକାନ୍ତ ପରିଡା, ଲକ୍ଷ୍ମୀଧର ମହାନ୍ତ, ଅଞ୍ଜଳୀ ଦଣ୍ଡପାଟ, ଦିଲ୍ଲୀପ କୁମାର ମହାନ୍ତ, ଦେବାନନ୍ଦ ପଣ୍ଡା ପ୍ରମୁଖ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ଓ ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ । ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ସହିତ ସରକାରୀ କରଣ । ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ୍ ?ପେରେ ଥିବା ଅସଙ୍ଗତି ଦୂରୀକରଣ । ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ ଓ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ । ଆଦି ଦାବି ଉପସ୍ଥାପନ କରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡ଼ସାହି ବିଡ଼ିଓ ବନଜା ଦାସଙ୍କୁ ଦାବିପତ୍ର ସମୂହ ଭାବେ ପ୍ରଦାନ କରିଥିଲେ ।

## ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଆନ୍ଦୋଳନ ପାଇଁ ସଜବାଜ

ରମ୍ଭା,୬।୮ (ନିପ୍ର): ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନ ରେଖା ଦିନକୁଦିନ ଅସହାୟ ହେବାରେ ଲାଗିଛି । ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ ହୋଇଛି । ଶାସକ, ପ୍ରଶାସନ ମିଳି ଭଗତିରେ ବଳି ପଡୁଛନ୍ତି ନିରୀହ ଲକ୍ଷାଧିକ ମତ୍ସ୍ୟଜୀବୀ । ସମ୍ପୂର୍ଣ ଘେରି ଆଚ୍ଛାଦିତ ଚିଲିକା,ଆଉ ସୁରକ୍ଷିତ ନାହିଁ ଲୀଳା ମୟ ଚିଲିକା କିଳା ମୟ ହୋଇଅଛି, ମଶାରୀ, ମାଟି ଘେରି, ଜବର ଦଖଲ, ମାଢି ପାତୁଆ ଜାଲ, ରିଙ୍ଗ ନେଟ ଯାହା କରେଣ୍ଟ ନେଟ ପ୍ରଚଳନ ହେଉଅଛି ତାହା ମାଛ ଯାଆଁଳା, ଡିମ୍ବ ଛୋଟ ମୀନ ମରୁଅଛି. ମତ୍ସ୍ୟ ଅଧିକାରୀଙ୍କ ତତ୍ପରତା ନାହିଁ । ଯେ ଯାହା ବ୍ୟବସ୍ଥାରେ ଅଛନ୍ତି । ଶାସକ, ପ୍ରଶାସଙ୍କ ଜ୍ଞାତରେ ଦିନକୁ ଦିନ ମଶାରୀ ଘେରି ବୃଦ୍ଧି ହେବାରେ ଲାଗିଛି । ମତ୍ସ୍ୟଜୀବୀ ସଙ୍ଘ ବିଭିନ୍ନ ସମସ୍ୟା ଜଣାଇଲେ ସୁଦ୍ଧା ଧର୍ମକୁ ଆଖିଠାର ଭଳି କାମ ଚାଲିଛି. ଦଲାଲ ଓ ପ୍ରଶାସନ ଜରିଆରେ ଏଭଳି କାମ ଚାଲୁଛି । ଶୁଣିବାକୁ ମିଳୁଛି ବର୍ଷକୁ ଚିଙ୍ଗୁଡ଼ି ଘେରିରୁ ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର ହେବା ଫଳରେ ୧୪୭ ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୪ଲକ୍ଷ ମତ୍ସ୍ୟଜୀବୀ ଙ୍କ ପେଟ ପାଟଣା ଦଲାଲ ପ୍ରଶାସନ ଆହାରକୁ ଛଡାଇ ନେଉଛନ୍ତି । ଏହି କଷଣକୁ ଆଉ ହାତଛଡା କରିବୁ ନାହିଁ, ନିଜର ହକ ଅଧିକାର ପାଇଁ ଆଇନ ହାତକୁ ନେବା ପାଇଁ ଗାଁ ଗାଁ ରେ ବୈଠକ ହେଉଛି । ତାହା ଆଗାମୀ ଦିନରେ ଏକ ବଡ ଧରଣର ଚିଲିକା ଭିତରେ ଆନ୍ଦୋଳନ ପାଇଁ ସଜବାଜ ହେଉଅଛି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଆବଶ୍ୟକତା ମନେକରି ସଭାମାନ ଅନୁଷ୍ଠିତ ହେଉଅଛି । ଖୋର୍ଦ୍ଧା ଜିଲ୍ଲାର ନଈରୀ ଓ ବଉଳାବନ୍ଧ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକଙ୍କ ବିଭିନ୍ନ ସମସ୍ୟା ବାଢିଥିଲେ ଏବଂ ଆନ୍ଦୋଳନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସଂଗଠକ ସେନାପତି ବେହେରା ଙ୍କ ସହଯୋଗରେ ନଈରୀ ଓ ବଉଳା ବନ୍ଧର ନେତୃତ୍ୱ ମଣ୍ଡଳୀ ହେଲେ ଜଗବନ୍ଧୁ ବେହେରା, ବିକାଶ ବେହେରା, ।ତୋଫାନ ବେହେରା, ପବିତ୍ର ବେହେରା, ସୁରେଶ ବେହେରା, ନାରାୟଣ ବେହେରା, ମାଧବ ବେହେରା, ହରଷ ବେହେରା, ପ୍ରଭାତ ବେହେରା, ଯୋଗୀ ବେହେରା ଦାସ ବେହେରା, ଚରଣ ବେହେରା, ପ୍ରାଣନାଥ ବେହେରା_ମୁଖ ଉପସ୍ଥିତ ରହି ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ ।

## ବନ୍ୟା ବିଭୀଷିକା ଭିତରେ ବଳିପଡ଼ିଲା ମାନବିକତା

ଧାମନଗର,୬।୮ (ନିପ୍ର): ଉଚ୍ଛୁଳା ବୈତରଣୀ ଓ ଗେଙ୍ଗୁଟି ନଦୀର କରାଳ ରୂପ ଯେତିକି ଭୟଙ୍କର ନଥିଲା, ତା'ଠୁ ଅଧିକ ହୃଦୟବିଦାରକ ଓ ନିନ୍ଦନୀୟ ଥିଲା ବନ୍ୟା ପରବର୍ତ୍ତୀ ପ୍ରଶାସନିକ ଅବହେଳା ଓ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି । ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ୮ ନମ୍ବର ୱାର୍ଡ ଅନ୍ତର୍ଗତ ପିତେଇପୁର ଜେନାସାହି ଆଜି ମାନବିକତା ଶୂନ୍ୟତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି । ଏହି ଦଳିତ ସାହିର ୪୦ଟି ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକ ବନ୍ୟାର କରାଳ ଗ୍ରାସରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସକାଳେ ମଜୁରୀ ଲାଗିଲେ ସନ୍ଧ୍ୟାରେ ଯାହାଙ୍କ ଚୁଲି ଜଳେ, ସେହି ଅଭାବୀ ଦିନମଜୁରିଆଙ୍କ ପାଖରେ ସଞ୍ଚିତ ଖାଦ୍ୟ ବୋଲି କିଛି ନଥିଲା । ଗତ ୨୮ ତାରିଖ ରାତିରେ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ପରେ ପ୍ରଶାସନ ତତ୍ପର ହୋଇଥିଲା ସତ, କିନ୍ତୁ ସୂଚନା ମିଳିବା ବେଳକୁ ପାଣି ଦୁଆର ମୁହଁରେ । ଛୁଆପିଲାଙ୍କ ପାଇଁ ମୁଠାଏ ଆହାର ଯୋଗାଡ଼ କରିବା ଆଗରୁ ଜଳପ୍ଲାବନ ଘେରିଯିବାରୁ ଲୋକେ ଆତଙ୍କିତ ହୋଇ ଆଶ୍ରୟସ୍ଥଳୀକୁ ଉଠିଯାଇଥିଲେ । ଏହି ତିନିଦିନ ଧରି କୋମଳମତି ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାମାନଙ୍କୁ ଧରି ଏହି ୩୦୦ ବିପନ୍ନ ଲୋକ ଭୋକ-ଶୋଷରେ ଆଉଟୁପାଉଟୁ ହୋଇ ଛଟପଟ ହୋଇଛନ୍ତି । ସରକାରୀ ସ୍ତରରୁ ଚୁଡ଼ା, ଗୁଡ଼, ରନ୍ଧାଖାଦ୍ୟ କିମ୍ବା ଟୋପାଏ ପିଇବା ପାଣି ବି ଏହି ସାହିକୁ ମିଳିନାହିଁ । ଗାଁ ସ୍କୁଲରେ ସରକାରୀ ଅନୁଦାନରେ ଖାଦ୍ୟ ରୋଷେଇ ହୋଇ ଅନ୍ୟ ସାହିକୁ ବଣ୍ଟାଯାଉଥିବା ବେଳେ, କେବଳ ଭିନ୍ନ ରାଜନୈତିକ ମତଧାରା ପାଇଁ ଏହି ଦଳିତ ସାହିଟିକୁ ସମ୍ପୂର୍ଣ୍ଣ ଅବହେଳା କରାଗଲା । ସାହିର ଲିସା ରାଣୀ ଜେନା ଲୁହଭରା ଆଖିରେ କହିଛନ୍ତି, ଜାଣିଶୁଣି ଆମକୁ ରିଲିଫରୁ ବଞ୍ଚିତ କରାଗଲା । ସଙ୍କଟ ସମୟରେ ବି ପେଟକୁ ନେଇ ରାଜନୀତି କରାଗଲା । ସେହିପରି ସନାତନ ଜେନା କହିଛନ୍ତି ଯେ, ବନ୍ୟା ଛାଡ଼ିବା ପରେ ବି ପ୍ରଶାସନ ସେମାନଙ୍କ ଦୁଃଖ ବୁଝିନାହିଁ । ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଖୋଲା ଆକାଶ ତଳେ ପଡ଼ିରହିଥିବା ଏହି ପରିବାରଗୁଡ଼ିକୁ ପଲିଥିନ ଖଣ୍ଡିଏ ସୁଦ୍ଧା ମିଳିନାହିଁ । ଗ୍ରାମବାସୀ ରତ୍ନାକର ଦାସ ସୀଧା ସଳଖ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତର ଶାସକ ଦଳ ନେତାମାନଙ୍କ ଚକ୍ରାନ୍ତ ଯୋଗୁଁ ପ୍ରଶାସନ ବାଟବଣା ହୋଇଛି ।ସୋଧ ରାଜସ୍ୱ ନିରୀକ୍ଷକ ବନ୍ୟାପାଣି ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନତାକୁ କାରଣ ଦର୍ଶାଇ ଖୁବଶୀଘ୍ର ପଲିଥିନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଭୋକ, ଶୋଷ ଓ ପକ୍ଷପାତିତାର ଶିକାର ହୋଇଥିବା ପିତେଇପୁର ଜେନାସାହିର ଅଭାବୀ ଲୋକଙ୍କ ଆଖିରୁ ଲୁହ ଏବେ ବି ଶୁଖିନାହିଁ ।ସୂଚନା ଥାଉକି ଉକ୍ତ ପଞ୍ଚାୟତର ଜୈନିକ ପ୍ରଭାବଶାଳୀ ନେତା ବ୍ଲକ ପ୍ରଶାସନଙ୍କୁ ନିଜ ନିୟନ୍ତ୍ରଣରେ ରଖି ଉକ୍ତ ପଞ୍ଚାୟତ ରେ ବନ୍ୟା ମୁକାବିଲା କରୁଥିବା ବେଳେ ନିଜ ବପାଞ୍ଚୟତ ବିପନ୍ନ ଙ୍କୁ ଅଣ ଦେଖା କେତେ ଦୂର ଠିକ ବୋଲି ଉକ୍ତ ଅଞ୍ଚଳର ବନ୍ୟାବିପନ୍ନ ମାନେ କହିଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଆଞ୍ଚଳିକ ଦଳ ଚାନ୍ଦା ତାଲିକାରେ ଡିଏମକେ ପ୍ରଥମ, ଟିଏମ୍‌ସି ଦ୍ୱିତୀୟ



ନୂଆଦିଲ୍ଲୀ,୭।୮: ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ପ୍ରକାଶିତ ଏକ ନୂତନ ବିଶ୍ଳେଷଣାତ୍ମକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ 'ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' (ଏଆଇଟିସି) ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ରାଜନୈତିକ ଚାନ୍ଦା ହାସଲ କରିଛି। ଏହି ସମୟ ମଧ୍ୟରେ ଦଳ ମୋଟ ୧୮୪.୯୬ କୋଟି ଟଙ୍କାର ଚାନ୍ଦା ପାଇଥିବା ବେଳେ ଆଞ୍ଚଳିକ ଦଳ ତାଲିକାରେ ଡିଏମକେ ସବୁଠାରୁ ଆଗରେ ରହିଛି। ଭାରତୀୟ ନିର୍ବାଚନ କମିସନ(ଇସିଆଇ)ଙ୍କ ତଥ୍ୟକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ୨୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ମୋଟ ୮,୧୫୮ଟି ଚାନ୍ଦା ଘୋଷଣା କରିଛନ୍ତି, ଯାହାର ମୋଟ ପରିମାଣ ୧,୩୯୯.୨୪୯ କୋଟି ଟଙ୍କା ଅଟେ। ରିପୋର୍ଟ ଅନୁଯାୟୀ, ଚାନ୍ଦା ବୃଦ୍ଧି ମୂଲ୍ୟ ଦୃଷ୍ଟିରୁ ଡିଏମକେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧.୫୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ୩୪୪.୨୨୨ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୩୬୫.୭୮୪ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ, ତୃଣମୂଳ କଂଗ୍ରେସର ଚାନ୍ଦା ପରିମାଣରେ ଦ୍ୱିତୀୟ ସର୍ବାଧିକ ବୃଦ୍ଧି ଘଟିଛି। ଦଳର ଚାନ୍ଦା ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୬.୪୨୪ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ୧୭୮.୫୩୬ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୧୮୪.୯୬ କୋଟି ଟଙ୍କା ହୋଇଛି। ୨୦୨୪-୨୫ ବର୍ଷରେ ରାଜନୈତିକ ପାଣ୍ଠି ଗ୍ରହଣ କରିବାରେ କେତେକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବା ଏହି ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି। ଶୀର୍ଷ ପାଞ୍ଚଟି ଆଞ୍ଚଳିକ ପାଣ୍ଠି ଗ୍ରହଣକାରୀ ଦଳ ଯଥା ଡିଏମକେ, ଏଆଇଟିସି, ୱାଇଏସ୍‌ଆର କଂଗ୍ରେସ, ଟିଡିପି ଏବଂ ଏଆଇଏଡିଏମକେ ମୋଟ ୮୪୦.୧୨୬୪ କୋଟି ଟଙ୍କା ପାଇଛନ୍ତି, ଯାହାକି ସେହି ସମୟ ମଧ୍ୟରେ ସମସ୍ତ ଆଞ୍ଚଳିକ ଦଳ ପାଇଥିବା ମୋଟ ଚାନ୍ଦାର ୭୯.୯ ପ୍ରତିଶତ ଅଟେ।

## ଏଲଓସିରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ୨ ସେନା ଯବାନ ଗୁରୁତର

ପୁଞ୍ଚ,୭।୮: ଜାମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲା ଅନ୍ତର୍ଗତ ମେନ୍ଧର ସେକ୍ଟରର କାଙ୍ଗା ଗଲି ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଏକ ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କରିବା ସମୟରେ ବିସ୍ଫୋରଣ ଘଟି ଦୁଇଜଣ ସେନା ଯବାନ ଗୁରୁତର ଆହାତ ହୋଇଛନ୍ତି। ଆହାତ ଯବାନମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ଅନୁପ୍ରବେଶ ରୋକିବା ପାଇଁ ସୀମାନ୍ତରେ ବିଛାଯାଇଥିବା କେତେକ ଲ୍ୟାଣ୍ଡମାଇନ୍ ନିଜ ସ୍ଥାନରୁ ଭାସି ଆସିଥିଲା। ସେନାର ଏକ ପାଟ୍ରୋଲିଂ ଟିମ୍ ଏହି ଲ୍ୟାଣ୍ଡମାଇନକୁ ଦେଖିବା ପରେ ନିଷ୍କ୍ରିୟ କରିବା ପାଇଁ ବିଶେଷଜ୍ଞ ଦଳକୁ ଡକାଯାଇଥିଲା, ମାତ୍ର କାମ ଚାଲିଥିବା ବେଳେ ଆକସ୍ମିକ ଭାବେ ଏହା ବିସ୍ଫୋରଣ ହୋଇଥିଲା।


## ଲଙ୍କା ଖାଇ ଆମେରିକାର ୨୭ ରାଜ୍ୟରେ ସାଲମୋନେଲା ସଂକ୍ରମଣ: ୩୪୫ ହସ୍ପିଟାଲରେ ଭର୍ତ୍ତି

ୱାସିଂଟନ,୭।୮: ସ୍ୱାଦ ବୃଦ୍ଧି କରିବା ପାଇଁ ବ୍ୟବହୃତ ମସଲାଦାର ଜାଲାପେନୋ ଲଙ୍କା ଖାଇ ଆମେରିକାରେ ୩୪୫ ଅସୁସ୍ଥ ହୋଇ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମେକ୍ସିକୋରୁ ଆମଦାନି ହୋଇଥିବା ଜାଲାପେନୋ ଲଙ୍କା ଖାଇବା ଯୋଗୁଁ ସାଲମୋନେଲା ସଂକ୍ରମଣ ଯୋଗୁଁ ୨୭ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆମେରିକାର ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ତଦନ୍ତକୁ ଜୋରଦାର୍ କରିଛନ୍ତି। ଲଙ୍କାକୁ ବଜାରରୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର(ସିଡିସି)ଅନୁଯାୟୀ,ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ନିଶ୍ଚିତ ହୋଇନାହିଁ। ତଦନ୍ତରୁ ଜଣାପଡିଛି ଯେ ପ୍ରଭାବିତ ଜାଲାପେନୋ ଲଙ୍କା କୋଷ୍ଟ ସାଇଟର୍ସ ଡିଷ୍ଟ୍ରିବ୍ୟୁଟର୍ସ ନାମକ ଏକ କମ୍ପାନି ଦ୍ୱାରା ଯୋଗାଣ କରାଯାଇଥିଲା। ଏହି ଲଙ୍କା ଚିପୋଟଲ୍ ମେକ୍ସିକାନ୍ ଗ୍ରୀଲ୍ ଏବଂ କ୍ୟୁଡୋବା ଭଳି ପ୍ରମୁଖ ନାମ ସମେତ ଅନେକ ରେଷ୍ଟୁରାଣ୍ଟ ଚେନରେ ପହଞ୍ଚିଥିଲା। ସତର୍କତା ସ୍ୱରୂପ, ଉଭୟ କମ୍ପାନି ଏହି ଲଙ୍କା ବ୍ୟବହାରକୁ ବନ୍ଦ କରି ଦେଇଛନ୍ତି। ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) ପ୍ରଭାବିତ ବ୍ୟାଚକୁ ପ୍ରତ୍ୟାହାର କରିବା ଆରମ୍ଭ କରିଛି। ସାଲମୋନେଲା ବ୍ୟାକ୍ଟେରିଆ ଦୂଷିତ ଖାଦ୍ୟ ମାଧ୍ୟମରେ ମଣିଷକୁ ବ୍ୟାପିଥାଏ। ସଂକ୍ରମଣ ଯୋଗୁଁ ଡାଇରିଆ, ଉଚ୍ଚ ଜ୍ୱର, ପେଟ କାଟିବା, ବାନ୍ତି ଏବଂ ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ସଂକ୍ରମଣ ଛୋଟ ପିଲା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ଲୋକଙ୍କ ପାଇଁ ଅଧିକ ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ।

## ବ୍ରିଟିଶ ସେନା ତାଲିମ କଲେଜରେ ନାବାଳିକା କ୍ୟାଡେଟଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ଲଣ୍ଡନ,୭।୮: ବ୍ରିଟେନର ଅନ୍ୟତମ ପ୍ରମୁଖ ସାମରିକ ତାଲିମ ଅନୁଷ୍ଠାନ 'ଆର୍ମି ଫାଉଣ୍ଡେସନ୍ କଲେଜ' ବର୍ତ୍ତମାନ ଏକ ବଡ଼ ବିବାଦ ଘେରରେ ! ଉତ୍ତର ୟୋର୍କସାୟାରର ହାରୋଗେଟସ୍ଥିତ ଏହି ଆର୍ମି ସ୍କୁଲରେ ୧୯ ବର୍ଷରୁ କମ୍ ବୟସର ନାବାଳକ-ନାବାଳିକାମାନଙ୍କୁ ସୈନ୍ୟ ତାଲିମ ଦିଆଯାଉଥିବା ବେଳେ, ସେଠାରେ ଗାଙ୍ଗରେପ୍, ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ବ୍ୟବହାର କରାଯାଉଥିବା ନେଇ ପୂର୍ବତନ ମହିଳା କ୍ୟାଡେଟମାନେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଏଠାରେ ୧୭ ବର୍ଷ ବୟସ୍କା ମହିଳା କ୍ୟାଡେଟମାନେ ସହଯୋଗୀ ସୈନିକ ଏବଂ ତାଲିମଦାତା ଷ୍ଟାଫଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଛନ୍ତି। ମାନସିକ ଯନ୍ତ୍ରଣା ସହିନପାରି ଅନେକ ମହିଳା ସୈନିକ ସେନା ଚାକିରି ଛାଡ଼ିଦେଇଛନ୍ତି। ଜଣେ ପୀଡ଼ିତାଙ୍କ କହିବା ଅନୁଯାୟୀ, ତାଙ୍କୁ ଘଣ୍ଟା ଘଣ୍ଟା ଧରି ଗାଙ୍ଗରେପ୍ କରାଯାଇଥିଲା ଏବଂ ଏସବୁ ବିରୋଧରେ ସ୍ୱର ଉଠାଇବାରୁ କଲେଜର ପୁରୁଷ ଇନଷ୍ଟ୍ରକ୍ଟରମାନେ ସେମାନଙ୍କ ପ୍ରତି ଅଶ୍ଳୀଳ ଓ ମହିଳା ବିରୋଧୀ ସ୍ଲୋଗାନ ଦେଇଥିଲେ।

## ତାମିଲନାଡୁରେ ଟିଭିକେ ସରକାରଙ୍କୁ ସୁପ୍ରିମକୋର୍ଟରୁ ଝଟକା



ନୂଆଦିଲ୍ଲୀ,୭।୮ : ତାମିଲନାଡୁରେ ଟିଭିକେ ସରକାରଙ୍କୁ ସୁପ୍ରିମକୋର୍ଟରୁ ଝଟକା । ଗୁରୁବାର ସୁପ୍ରିମକୋର୍ଟ ସୂଚିତ କରିଛନ୍ତି ଯେ, ଏହା ତାମିଲନାଡୁ ଇଡି ଅଧିକାରୀ ଲାଞ୍ଚ ମାମଲାର ତଦନ୍ତ ରାଜ୍ୟ ସରକାରୀ ସଂସ୍ଥାରୁ ଏକ କେନ୍ଦ୍ରୀୟ ସଂସ୍ଥାକୁ ସ୍ଥାନାନ୍ତର କରିପାରେ। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହା ତଦନ୍ତ ଉପରେ ସ୍ଥଗିତାଦେଶ ପ୍ରତ୍ୟାହାର କରିବ ନାହିଁ। ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଇଡି ଅଧିକାରୀଙ୍କ ବିରୋଧରେ ଅଭିଯୋଗକୁ କିଏ ବିଶ୍ୱାସ କରିବ। ସୁପ୍ରିମକୋର୍ଟ ସୂଚିତ କରିଛନ୍ତି ଯେ, ଏହା ଇଡି ଅଧିକାରୀ ଅଙ୍କିତ ତିୱାରୀଙ୍କ ସହିତ ଜଡିତ ଲାଞ୍ଚ ମାମଲାର ତଦନ୍ତ ସିବିଆଇଭି ଭଳି ଏକ ସ୍ୱାଧୀନ କେନ୍ଦ୍ରୀୟ ସଂସ୍ଥାକୁ ସ୍ଥାନାନ୍ତର କରିପାରେ। ରିପୋର୍ଟ ଅନୁଯାୟୀ, ତାମିଲନାଡୁ ସତର୍କତା ଏବଂ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ଦ୍ୱାରା ତଦନ୍ତ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ବଜାୟ ରହିବ। ତଦନ୍ତ ଉପରେ ସ୍ଥଗିତାଦେଶ ପ୍ରତ୍ୟାହାର କରିବା ପାଇଁ ତାମିଲନାଡୁ ସରକାରଙ୍କ ଅନୁରୋଧକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ତାମିଲନାଡୁ ସରକାରଙ୍କ ତଦନ୍ତ କେବେ ବନ୍ଦ କରାଯାଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ୨୦୨୪ରେ ଇଡି ଦ୍ୱାରା ଦାୟର କରାଯାଇଥିବା ଏକ ରିଟ୍ ଆବେଦନର ଶୁଣାଣି କରୁଛନ୍ତି। ଇଡି ସୁପ୍ରିମକୋର୍ଟରେ ଏକ ରିଟ୍ ଆବେଦନ ଦାଖଲ କରିଛି, ଯେଉଁଥିରେ ଦାବି କରାଯାଇଛି ଯେ ଇଡି ଅଧିକାରୀ ଅଙ୍କିତ ତିୱାରୀଙ୍କ ବିରୁଦ୍ଧରେ ଲାଞ୍ଚ ମାମଲାର ତଦନ୍ତ ତାମିଲନାଡୁ ଏଜେନ୍ସିରୁ ସିବିଆଇକୁ ସ୍ଥାନାନ୍ତର କରାଯାଉ। ଜାନୁଆରୀ ୨୦୨୪ ରେ, ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କ ଏଫଆଇଆରରେ ପରବର୍ତ୍ତୀ କାର୍ଯ୍ୟଧାରା ଉପରେ ରୋକ ଲଗାଇଥିଲେ। ସେତେବେଳେ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ସରକାର କ୍ଷମତାରେ ଥିଲା। ଗୁରୁବାର ଦିନ, ତାମିଲନାଡୁରେ ଥାଲାପତି ସି ଜୋସେଫ ବିଜୟଙ୍କ ଟିଭିକେ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଗୁରୁ କୃଷ୍ଣ କୁମାର ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ରାଜ୍ୟ ସରକାର ତଦନ୍ତ ଉପରେ ରୋକ ଉଠାଇବା ପାଇଁ ଏକ ଆବେଦନ ଦାଖଲ କରିଛନ୍ତି।


## ଆଶାରାମ ବାପୁଙ୍କୁ ଝଟ୍‌କା: ଅନ୍ତରୀଣ ଜାମିନ ନାମଞ୍ଜୁର

ନୂଆଦିଲ୍ଲୀ,୭।୮: ଆଶାରାମ ବାପୁଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି। ୮୫ ବର୍ଷୀୟ ବୃଦ୍ଧ ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ। ଯୋଧପୁରର ଏମ୍ସରୁ ଏକ ଡାକ୍ତରୀ ରିପୋର୍ଟ ଆଧାରରେ, କୋର୍ଟ ଜାମିନକୁ ଅନାବଶ୍ୟକ ବୋଲି ବିବେଚନା କରିଛନ୍ତି। ସୁପ୍ରିମକୋର୍ଟ ଏହି ଆବେଦନକୁ ନିଜ ପାଖରେ ରଖିଛନ୍ତି ଏବଂ କହିଛନ୍ତି ଯେ ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ। ଶୁଣାଣି ସମୟରେ, ସୁପ୍ରିମକୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ୨୦ ଦିନର ପାରୋଲ ପ୍ରଦାନ କରିଛନ୍ତି। ଯୋଧପୁର ଏମ୍ସ ରିପୋର୍ଟରେ କହିଛି ଯେ ଆଶାରାମଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ୨୪ ଘଣ୍ଟା ନଜର ରଖିବା ଉଚିତ୍। ଏହି ରିପୋର୍ଟକୁ ଆଧାର କରି ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ଖାରଜ କରିଛନ୍ତି। ଅସୁସ୍ଥତା ଦର୍ଶାଇ ଅନ୍ତରୀଣ ଜାମିନ କରିଥିଲେ ଆବେଦନ ୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରାଜସ୍ଥାନ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ଆଶାରାମଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଅସୁସ୍ଥତା ଦର୍ଶାଇ ଆଶାରାମ ମଧ୍ୟ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ୨୧ ଜୁଲାଇରେ, ଖଣ୍ଡପୀଠ ଆଶାରାମ ବାପୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଏକ ଡାକ୍ତରୀ ରିପୋର୍ଟ ଦାଖଲ କରିବାକୁ ଏମ୍ସକୁ କହିଥିଲେ ଏବଂ ଚିକିତ୍ସା ଆଧାରରେ ତାଙ୍କ ଜାମିନ ଆବେଦନ ଉପରେ ବିଚାର କରିଥିଲେ।

## ଭୁଶୁଡ଼ିଲା କୋଠା, ପରିବାରର ୬ ସଦସ୍ୟଙ୍କ ମୃତ୍ୟୁ

ଉତ୍ତରପ୍ରଦେଶ, ୭।୮: ଉତ୍ତର ଭାରତରେ ଜାରି ରହିଥିବା ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ବିଭିନ୍ନ ସ୍ଥାନରୁ ବର୍ଷାଜନିତ ବିପର୍ଯ୍ୟୟ ଏବଂ ଦୁର୍ଘଟଣାର ଖବର ସାମ୍ନାକୁ ଆସୁଛି । ଏହି କ୍ରମରେ ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାରୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଯେଉଁଥିରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, ଉତ୍ତରାଖଣ୍ଡରେ ମଧ୍ୟ ଭାରତୀୟ ପାଣିପାଗ ବିଭାଗର ଚେତାବନୀ ପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲା ଅନ୍ତର୍ଗତ ନଗର କୋତୱାଲି ଏସିଆର ମହୁଲୀ ୱାର୍ଡରେ ଏହି ବଡ଼ଧରଣର ଦୁର୍ଘଟଣା ଘଟିଛି । ଗୁରୁବାର ରାତି ପ୍ରାୟ ୩ଟା ସମୟରେ ଏକ ପୁରୁଣା ଘରର ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଘଟଣାସ୍ଥଳରେ ଗୋଟିଏ ପରିବାରର ୬ ଜଣ ସଦସ୍ୟ ମାଟି ଓ କଂକ୍ରିଟ୍ ସ୍ତୂପ ତଳେ ଚାପି ହେବା ଫଳରେ ସମସ୍ତଙ୍କର ମୃତ୍ୟୁ ହୋଇଛି ।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ କଲେ ନେତାନ୍ୟାହୁ



ନୂଆଦିଲ୍ଲୀ,୭।୮: ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରିଥିଲେ। ସେମାନେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଭାଗୀତା ଉପରେ ଆଲୋଚନା କରିଥିଲେ। ୨୮ ଫେବୃଆରୀ, ୨୦୨୬ରେ ଇରାନ ଉପରେ ଇସ୍ରାଏଲ-ଆମେରିକା ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା; ଭାରତ ଉଭୟ ରାଷ୍ଟ୍ରକୁ ଶାନ୍ତି ବଜାୟ ରଖିବାକୁ ନିରନ୍ତର ଅନୁରୋଧ କରିଆସିଛି। ଦୁଇ ନେତା ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋଚନା କରିଥିଲେ ଏବଂ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ। କଲ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ମଜବୁତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର, ୬ ଅଗଷ୍ଟ, ୨୦୨୬ରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କଠାରୁ ଫୋନ ପାଇଥିଲେ। ସେମାନେ ଭାରତ-ଇସ୍ରାଏଲ ସ୍ୱତନ୍ତ୍ର ରଣନୈତିକ ସହଭାଗୀତାରେ ଚାଲିଥିବା ବିକାଶର ସମୀକ୍ଷା କରିଥିଲେ। ଭାରତ ଏବଂ ଇସ୍ରାଏଲ ଏକ ସ୍ୱତନ୍ତ୍ର ରଣନୈତିକ ସହଭାଗୀତା ଭାବରେ ପରିଭାଷିତ ଏକ ସମ୍ପର୍କ ବାଣ୍ଟନ୍ତି। ଏହି ସମ୍ପର୍କ ମୁଖ୍ୟତଃ ପ୍ରତିରକ୍ଷା, ଉଚ୍ଚ-ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଗଭୀର ରଣନୈତିକ ବିଶ୍ୱାସ ଉପରେ ନିର୍ମିତ। ୧୯୯୨ ମସିହାରେ ଦୁଇ ଦେଶ ମଧ୍ୟରେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ ଏହି ସମ୍ପର୍କ ନୂତନ ଉଚ୍ଚତାରେ ପହଞ୍ଚିଛି ବୋଲି ବ୍ୟାପକ ଭାବରେ ସ୍ୱୀକୃତ। ଦୁଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଫୋନ ବାର୍ତ୍ତାଳାପ ସମୟରେ ଏହି ରଣନୈତିକ ସହଭାଗୀତା ବିଷୟରେ ଆଲୋଚନା କରିଥିଲେ। ଦୁଇ ରାଷ୍ଟ୍ର ମଧ୍ୟରେ ଏକ ବ୍ୟାପକ ରଣନୈତିକ ଏବଂ ସାମରିକ ସହଭାଗୀତା ୧୯୯୨ ମସିହାରେ ଆରମ୍ଭ ହୋଇଥିଲା।

## ବୃଦ୍ଧାଶ୍ରମରେ ଆଖି ବୁଜିଲେ ବାପା ଭିଡିଓ କଲରେ ଅନ୍ତିମ ସଂସ୍କାର ଦେଖିଲେ ୩ ଝିଅ



ନୂଆଦିଲ୍ଲୀ,୭।୮: ବାପା। ଏହି ଶବ୍ଦର ବିକଳ୍ପ ନାହିଁ। ଜଣେ ବାପା ସାରା ଜୀବନ ନିଜ ସନ୍ତାନମାନଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ନିଜର ସବୁ ସୁଖକୁ ବଳିଦାନ ଦେବାକୁ ପଛାନ୍ତି ନାହିଁ। ନିଜେ କଷ୍ଟ ସହି ଛୁଆମାନଙ୍କୁ ମଣିଷ କରନ୍ତି। କିନ୍ତୁ ସେହି ବାପାଙ୍କ ଜୀବନର ଶେଷ ମୁହୂର୍ତ୍ତ ଯଦି ଏକାକୀ କଟେ, ଆଉ ଶେଷ ବିଦାୟ ବେଳେ ସନ୍ତାନମାନେ ପାଖରେ ନଥାନ୍ତି, ତା'ଠାରୁ ବଡ଼ ଦୁଃଖ ଆଉ କ'ଣ ହୋଇପାରେ ? ଏମିତି ଏକ ଘଟଣା ହରିୟାଣାର ସୋନିପତରୁ ଆସିଛି। ମୁମ୍ବାଇର ବାସିନ୍ଦା ଶିବଚରଣ ରାମ ରତନ ଗୁପ୍ତା। ବୃତ୍ତିରେ ଥିଲେ ଜଣେ କପଡ଼ା ବ୍ୟବସାୟୀ। ସାରା ଜୀବନର ରୋଜଗାର ସେ ନିଜର ତିନି ଝିଅଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଖର୍ଚ୍ଚ କରିଥିଲେ। ସେମାନଙ୍କୁ ଉଚ୍ଚଶିକ୍ଷିତ କରିଥିଲେ। ଦୁଇ ଝିଅ ଶିକ୍ଷୟିତ୍ରୀ ହୋଇଥିଲେ। ୩ ଜଣଙ୍କ ବାହାଘର ମଧ୍ୟ ଭଲ ପାତ୍ର ଦେଖି କରାଇଥିଲେ।କିନ୍ତୁ ବୟସ ବଢ଼ିବା ସହ ସବୁକିଛି ବଦଳିଗଲା। ବୟସର ଅପରାହ୍ନରେ ପହଞ୍ଚିବା ପରେ ସେ ପତ୍ନୀ ମୀନାଙ୍କ ସହ ସୋନିପତର ଗୋଟିଏ ବୃଦ୍ଧାଶ୍ରମରେ ୨ ବର୍ଷ ହେଲା ରହିବା ଆରମ୍ଭ କରିଥିଲେ। ଝିଅମାନେ କେବଳ ଫୋନରେ ସେମାନଙ୍କ ଭଲ ମନ୍ଦ ସତେ ଯେମିତି ଲୋକ ଦେଖାଣିଆ ଭାବେ ବୁଝୁଥିଲେ। ଏସବୁ କିଛି ଦିନ ପୂର୍ବେ ଶିବଚରଣ ପ୍ରଥମେ ପତ୍ନୀଙ୍କୁ ହରାଇଥିଲେ। ନିଜ ସକ୍ଷମ ମୁତାବକ ସେ ପତ୍ନୀଙ୍କୁ ଜଣାଇଥିଲେ ଅନ୍ତିମ ବିଦାୟ। ତା'ପରେ ବୃଦ୍ଧାଶ୍ରମ ହିଁ ହୋଇଯାଇଥିଲା ତାଙ୍କ ଶେଷ ଠିକଣା। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୩ଟାରେ ଶିବଚରଣଙ୍କର ମୃତ୍ୟୁ ହୋଇଥିଲା। ବୃଦ୍ଧାଶ୍ରମ କର୍ତ୍ତୃପକ୍ଷ ତୁରନ୍ତ ଏନେଇ ତାଙ୍କ ଝିଅମାନଙ୍କୁ ଖବର ଦେଇଥିଲେ। ଅନୁରୋଧ କରିଥିଲେ, ବାପାଙ୍କ ଶେଷ ଦର୍ଶନ ପାଇଁ ଆସନ୍ତୁ। କିନ୍ତୁ କେହି ଆସିଲେ ନାହିଁ।

## ରାଜ୍ୟସଭା ସାଂସଦଙ୍କ ସହ ମୋଦିଙ୍କ ଜଳଖିଆ ବୈଠକ



ନୂଆଦିଲ୍ଲୀ,୭।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସଂସଦ ଅଧିବେଶନ ଚାଲିଥିବା ବେଳେ ୩୬ ଜଣ ରାଜ୍ୟସଭା ସାଂସଦଙ୍କ ସହ ଜଳଖିଆ ବୈଠକ କରିଛନ୍ତି। ଏହି ବୈଠକରେ ସେ ସାଂସଦମାନଙ୍କୁ ନିଜ ନିର୍ବାଚନ କ୍ଷେତ୍ର ସହ ସବୁବେଳେ ଯୋଗାଯୋଗ ରଖିବା, ମୂଳ ସହ ଜଡ଼ିତ ରହିବା ଏବଂ ଲବିଷ୍ଟ ଓ ପାୱାର ବ୍ରୋକରଙ୍କ ପ୍ରଭାବରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ତୃଣମୂଳ କଂଗ୍ରେସ, ଆମ୍ ଆଦମୀ ପାର୍ଟି ଓ ଅନ୍ୟ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ରାଜ୍ୟସଭା ସାଂସଦ ମଧ୍ୟ ଉପସ୍ଥିତ ଥିଲେ। ଜଣେ ସାଂସଦଙ୍କ କହିବା ଅନୁଯାୟୀ ଜଳଖିଆ ବୈଠକରେ ପ୍ରଧାନମନ୍ତ୍ରୀ ରାଜ୍ୟସଭା ସାଂସଦମାନଙ୍କୁ କହିଥିଲେ, ରାଜ୍ୟସଭାରେ ଆପଣଙ୍କ ଆସନର ମୂଲ୍ୟ ବୁଝନ୍ତୁ। ଏହି ସ୍ଥାନ ପାଇଁ ହଜାର ହଜାର ଲୋକ ଅପେକ୍ଷା କରୁଛନ୍ତି। ସେ ଆହୁରି ସତର୍କ କରି କହିଥିଲେ ଯେ, କିଛି ସ୍ୱାର୍ଥପର ଲୋକ ନିଜକୁ ଶୁଭଚିନ୍ତକ ପରିଚୟ ଦେଇ ସାଂସଦମାନଙ୍କ ନିକଟକୁ ଆସିପାରନ୍ତି। ସେମାନଙ୍କଠାରୁ ସତର୍କ ରହିବା ଆବଶ୍ୟକ।

## ଅଭିଯୁକ୍ତ ଆଶିଷ ମିଶ୍ରାଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ,୭।୮ : ଲଖୀମପୁର ଖେରୀ (୨୦୨୧) ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଆଶୀଷ ମିଶ୍ରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା। ଜାମିନର ସର୍ତ୍ତରେ ଆହୁରି କୋହଳ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ, ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ ଏବଂ ନ୍ୟାୟମୂର୍ତ୍ତି ଭି. ମୋହନାଙ୍କ ଖଣ୍ଡପୀଠ ସେହି ଆବେଦନକୁ ଖାରଜ କରିଛନ୍ତି, ଯେଉଁଥିରେ ଜାମିନର ସର୍ତ୍ତକୁ କୋହଳ କରିବା ସହ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିଜ ପୈତୃକ ସ୍ଥାନକୁ ଯିବାକୁ ଅନୁମତି ମାଗାଯାଇଥିଲା। ଆଶୀଷ ମିଶ୍ରଙ୍କ ପକ୍ଷରୁ ଓକିଲ କହିଥିଲେ ଯେ, ବର୍ତ୍ତମାନର କଟକଣା ଯୋଗୁଁ ସେ ନିଜ ଝିଅଙ୍କ ଜନ୍ମଦିନ ପାଳନ ସମେତ ବିଭିନ୍ନ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରୁନାହାନ୍ତି।

### ଆସାମରେ ବନ୍ୟା ତାଣ୍ଡବ

# ୯୫ ମୃତ, ଲକ୍ଷେ ୬୦ ହଜାରରୁ ଅଧିକ ବେଘର



ଗୁଆହାଟୀ,୭।୮:ଆସାମରେ ପୁଣି ଥରେ ମୌସୁମୀ ବନ୍ୟା ତାଣ୍ଡବ ରଚିଛି। ରାଜ୍ୟରେ ବନ୍ୟା ଏବଂ ବର୍ଷା ଯୋଗୁଁ ମୃତ୍ୟୁ ସଂଖ୍ୟା ୯୫ ରେ ପହଞ୍ଚିଛି। ସଦ୍ୟତମ ବନ୍ୟାରେ ୫୬୩ ଗାଁର ଲକ୍ଷେ ୬୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଶିବସାଗର ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ଶୀର୍ଷରେ ରହିଛି। ଅନେକ ଅଞ୍ଚଳରେ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି, ଏବଂ ବନ୍ଧ ଭାଙ୍ଗି ପରିସ୍ଥିତିକୁ ଆହୁରି ଖରାପ କରିଛି। ପ୍ରାୟ ୧୬,୯୫୧ ହେକ୍ଟର ଚାଷ ଜମି ବୁଡ଼ି ଯାଇଛି। ୩୫ ହଜାରରୁ ଅଧିକ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୮,୫୦୦ ଭାସି ଯାଇଛନ୍ତି। ହଜାର ହଜାର ଲୋକ ୪୫ଟି ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହା ସହିତ ୫୯ଟି ବଣ୍ଟନ କେନ୍ଦ୍ର ମାଧ୍ୟମରେ ୩୨,୦୦୦ରୁ ଅଧିକ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଉଛି। ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ, ଡାଲି, ଲୁଣ ଏବଂ ପଶୁ ଖାଦ୍ୟ ପଠାଯାଉଛି। ଚଳିତ ଥର ଆସାମରେ ବର୍ଷା ଅନେକ ପରିବାରର ଖୁସିକୁ ଛଡ଼ାଇ ନେଇଛି। ସବୁ ଭସାଇ ନେଲା, ଆଖିରେ ଲୁହ ଦେଇଛି। କିଛି ସ୍ଥାନରେ ପାଣି ଘରେ ପଶି ଲୋକଙ୍କ କଷ୍ଟ ଅର୍ଜିତ ଜିନିଷପତ୍ର ନଷ୍ଟ କରିଦେଇଛି। କ୍ଷେତରେ ପାଣି ପଶିଯାଇଛି, ଯାହା ଫଳରେ ଚାଷୀମାନେ ସେମାନଙ୍କର ପରବର୍ତ୍ତୀ ଫସଲ ପାଇଁ ଚିନ୍ତିତ ଅଛନ୍ତି। ୧୪ ଜିଲ୍ଲାରେ ବନ୍ୟା ଯୋଗୁଁ ସଙ୍କଟ ସୃଷ୍ଟି ହୋଇଛି। ଶହ ଶହ ଗ୍ରାମ ପାଣି ଘେରି ରହିଛି। ଅନେକ ପରିବାର ରିଲିଫ୍ ଶିବିରରେ ରହିବାକୁ ବାଧ ହୋଇଛନ୍ତି। ବର୍ତ୍ତମାନ ସେମାନଙ୍କର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ପାଣି କେବେ କମିବ ଏବଂ ସେମାନେ ନିଜ ଘରକୁ ଫେରିବେ। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଶିବସାଗରରେ ୫୭ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହା ପଛକୁ ଗୋଲାଘାଟ ଏବଂ ଜୋରହାଟ ଅଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୋରିଗାଓଁର ମାୟୋଙ୍ଗ ଅଞ୍ଚଳରେ ସହରାଞ୍ଚଳ ବନ୍ୟା ଯୋଗୁଁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଉଦଲଗୁରିରୁ ଜଣେ ନିଖୋଜ ଥିବା ମଧ୍ୟ ଜଣାପଡ଼ିଛି। ଧାନସିରୀ ଦକ୍ଷିଣ ନଦୀ ଏବେ ବି ନମାଲିଗଡରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ଯଦି ବର୍ଷା ଜାରି ରହେ ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରେ। ସାତୋଟି ପ୍ରମୁଖ ବନ୍ଧ ଭାଙ୍ଗି ଯାଇଛି। ସେଥିମଧ୍ୟରେ ବ୍ରହ୍ମଜନ, ବିଶ୍ୱନାଥରେ ପାଞ୍ଚଟି ଏବଂ ଦାରାଙ୍ଗର ମଙ୍ଗଳଦୋଇରେ ଦୁଇଟି ଅନ୍ତର୍ଭୁକ୍ତ ରହିଛି। ଚରାଇଦେଓର ଟୋଳାପଥରରେ ଥିବା ଷ୍ଟିଲ ସେତୁ କ୍ଷତିଗ୍ରସ୍ତ ହୋଇଛି। ଉଦଲଗୁରିର ଟାଙ୍ଗଲାରେ ଥିବା ପାଦଚଲା ସେତୁ ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟାର ପ୍ରଭାବ କେବଳ ଗ୍ରାମାଞ୍ଚଳରେ ସୀମିତ ନାହିଁ। ଗୁଆହାଟୀର ଅନେକ ସ୍ଥାନରେ ଜଳବନ୍ଦୀ ସ୍ଥିତି ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରିଛି। କାମରୂପ, କାମରୂପ ମେଟ୍ରୋ, ମୋରିଗାଓଁ ଏବଂ ଜୋରହାଟରେ ସହରାଞ୍ଚଳ ବନ୍ୟା ଦ୍ୱାରା ୭୩୪ ଜଣ ପ୍ରଭାବିତ ହୋଇଥିବା ରିପୋର୍ଟ କରାଯାଇଛି।

## ଯୌତୁକ ଜନିତ ମୃତ୍ୟୁ ମାମଲା

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଗତ ଡିସେମ୍ବର ୨୦୧୧ ମସିହାରେ, ଲିଙ୍ଗରାଜ ଥାନା ଅନ୍ତର୍ଗତ ମୂଳାପଡିଆ ଅଞ୍ଚଳରେ ଘଟିଯାଇଥିବା ଏକ ଯୌତୁକ ଜନିତ ମୃତ୍ୟୁ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଆଜି ପ୍ରକାଶ ପାଇଛି । ମାନ୍ୟବର ୩ୟ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ, ହିମାଂଶୁ ଶେଖର ମଲ୍ଲିକ, ଆଜି ତାଙ୍କ ରାୟରେ ଅଭିଯୁକ୍ତ ପ୍ରିୟବ୍ରତ ମିଶ୍ର (ସ୍ୱାମୀ)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାର ଅନ୍ତରାଳେ: ନୟାଗଡ଼ ଜିଲ୍ଲା ଇଟାମାଟି ଅନ୍ତର୍ଗତ ଗମ୍ଭାରିଡିହାର ନିବାସୀ ତଥା ଅଭିଯୋଗକାରୀ ରାମଚନ୍ଦ୍ର ମିଶ୍ର ନିଜ କନ୍ୟା କାଦମ୍ବିନୀ ମିଶ୍ର ଓରଫ ଲୋରାଙ୍କୁ, ୨୦୦୮ ମସିହା ଏପ୍ରିଲ ମାସରେ ପ୍ରିୟବ୍ରତ ମିଶ୍ରଙ୍କ ସହ ପୁରୀର ଏକ ମଠରେ ସମ୍ପୂର୍ଣ୍ଣ ବୈଦୀକ ରୀତିନୀତି ଅନୁଯାଇ ବିବାହ ଦେଇଥିଲେ। ବିବାହ ପରେ ଉଭୟ ଆସି ଭୁବନେଶ୍ୱରର ଲିଙ୍ଗରାଜ ଥାନା ଅଧୀନସ୍ଥ ମୂଳାପଡିଆ ଅଞ୍ଚଳରେ ଭଡା ସୂତ୍ରରେ ରହିବାକୁ ଲାଗିଲେ। ବିବାହ ସମୟରେ କନ୍ୟା ଘର ତରଫରୁ ଦାବି ମୁତାବକ ସୁନା ଅଳଙ୍କାର (୧୦ ଗ୍ରାମ ଓଜନର ସୁନା ଚେନ, ସୁନା ମୁଦି ସହିତ ଅନ୍ୟାନ୍ୟ), ବିଭିନ୍ନ ଆସବାବପତ୍ର ଏବଂ ନଗଦ ୭୦,୦୦୦ ଟଙ୍କା ସହ ଡ୍ରେସ ନିମନ୍ତେ ଅଧିକ ୫,୦୦୦ ଟଙ୍କା ଯୌତୁକ ଆକାରରେ ବର ପକ୍ଷକୁ ଦିଆଯାଇଥିଲା। ତେବେ ବିବାହର କିଛି ଅତିକ୍ରାନ୍ତ ପରେ, ଅଧିକ ଯୌତୁକ ଏବଂ ଅର୍ଥ ଦାବି କରି ସ୍ୱାମୀ ପ୍ରିୟବ୍ରତ ଏବଂ ତାଙ୍କ ପରିବାର ଲୋକେ (ଶ୍ୱଶୁର, ଶାଶୁ, ଦିଅର ଓ ଯା) ମିଶି ତାଙ୍କ କନ୍ୟାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାରପିଟ୍ କରୁଥିଲେ। ତାଙ୍କ ଝିଅ ଫୋନ୍‌ରେ କହିଥିଲେ ଯେ, ତାଙ୍କ ଝିଅର ଜନ୍ମଦିନ ପାଳନ ପାଇଁ ଶ୍ୱଶୁରଘର ଲୋକେ ୩୦,୦୦୦ ଟଙ୍କା ଦାବି କରୁଛନ୍ତି। ଏହାପରେ କାଦମ୍ବିନୀଙ୍କ ମା' ରବିବାର ଦିନ ସେମାନଙ୍କ ଘରକୁ ଯାଇ ଅଭିଯୁକ୍ତ ମାନଙ୍କ ଦାବି ଅନୁଯାୟୀ ୩୦,୦୦୦ ଟଙ୍କା ଦେଇଥିଲେ। ଶୁକ୍ରବାର ଦିନ ତାଙ୍କ ନାତୁଣୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା, ଯେଉଁଥିରେ ନୟାଗଡ଼ରୁ କାଦମ୍ବିନୀଙ୍କ ଶ୍ୱଶୁରଘର ଲୋକମାନେ ଆସିଥିଲେ। ପରବର୍ତ୍ତୀ ରବିବାର ସକାଳ ପ୍ରାୟ ୧୧ଟା ସମୟରେ ପଡ଼ୋଶୀଙ୍କଠାରୁ ସେ ଖବର ପାଇଥିଲେ ଯେ, ତାଙ୍କ ଝିଅର ମୃତ୍ୟୁ ହୋଇଛି ଏବଂ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲକୁ ନିଆଯାଇଛି। ଏହି ସୂଚନା ପାଇବା ପରେ ସେ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲକୁ ଯାଇଥିଲେ। ସେଠାରେ ପହଞ୍ଚି ଦେଖିଥିଲେ ଯେ, ତାଙ୍କ ଝିଅଙ୍କର ସେତେବେଳକୁ ମୃତ୍ୟୁ ହୋଇସାରିଥିଲା। ପରେ ଅଭିଯୋଗକାରୀ ପିତା ରାମଚନ୍ଦ୍ର ମିଶ୍ର ସେହିଦିନ ସନ୍ଧ୍ୟାରେ ଝିଅର ଶାଶୁଘର ଲୋକଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉପରୋକ୍ତ ଘଟଣାକୁ କେନ୍ଦ୍ରକରି ମହିଳା ଥାନା କେସ୍ ନମ୍ବର-୨୨୧/୨୦୧୧, ଆଇପିସି ର ଧାରା-୪୯୮-ଏ/୩୦୪-ବି/୩୪ ଓ ଯୌତୁକ ନିରୋଧ ଆଇନ ର ଧାରା-୪ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ଥାନା ସବ୍-ଇନ୍ସପେକ୍ଟର ଜୟନ୍ତୀ ଦଳାଇ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ପ୍ରିୟବ୍ରତ ମିଶ୍ରଙ୍କୁ ଗିରଫ କରି ମାନ୍ୟବର ଅଦାଲତଙ୍କ ସମ୍ମୁଖରେ ହଜାର କରିଥିଲେ। ମାନ୍ୟବର ଅଦାଲତ ମୋଟ ୧୧ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୧୧ ଗୋଟି ପ୍ରାସଙ୍ଗିକ ଦଲିଲପତ୍ର ଗୁଡିକୁ ଅଧ୍ୟୟନ କରି ଆଜି ଉକ୍ତ ମାମଲାର ଚୂଡ଼ାନ୍ତ ବିଚାର କାର୍ଯ୍ୟ ସମାପ୍ତ କରିଥିଲେ। ମାନ୍ୟବର ଅଦାଲତ ଆଜି ତାଙ୍କ ରାୟରେ ଅଭିଯୁକ୍ତ ସ୍ୱାମୀ ପ୍ରିୟବ୍ରତ ମିଶ୍ରଙ୍କୁ ଆଇପିସିର ଧାରା ୩୦୪-ବି ଆଧାରରେ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ଧାରା-୪୯୮-ଏ ଆଧାରରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦,୦୦୦ ଟଙ୍କା ଜୋରିମନା ଓ ଧାରା-୪୦୬ ଅନୁଯାଇ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଉଭୟ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ଏହା ବ୍ୟତୀତ ଯୌତୁକ ନିରୋଧ ଆଇନର ଧାରା-୪ ଅନୁଯାୟୀ ତାଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଙ୍କ କ୍ଷେତ୍ରରେ ଶୁଣାଣି ହୋଇଥିବା ଉପରୋକ୍ତ ସମସ୍ତ ଦଣ୍ଡବିଧାନ ଏକ ସଙ୍ଗେ ଲାଗୁ କରିବାକୁ, ମାନ୍ୟବର ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସୁଭାଶ୍ରୀ ଜେନା ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜ୍ଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୪ ତମ ମାମଲା।

## ଦେଶୀ ମଦ ସହ ପୋଚ ନଷ୍ଟ: ୫ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି.ଏଚ ତିରୁପଥୀ ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ, କଂସର, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର, ଦନିଆବନ୍ଧ ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ, ଚୌଦ୍ୱାର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୨୨୨୦ ଲିଟର ଦେଶୀମଦ ସହ ୨୨୪୮୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୫ଟି ମାମଲା ରୁଜୁ କରାଯାଇଛି। କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଚଢ଼ାଉରେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି ଏଚ ତିରୁପଥୀ, ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଜିଲ୍ଲା ମୋବାଇଲ ୟୁନିଟର ଅବକାରୀ ଉପ ନିରୀକ୍ଷକ ନିରୂପମା ସାହୁ, ବାଙ୍କୀ ଅବକାରୀ ସହ ଉପ ନିରୀକ୍ଷକ ବାପି ସାହୁ, ଆଠଗଡ଼ ଅବକାରୀ ଥାନା ସହ ଉପ ନିରୀକ୍ଷକ ତରୁଣ ପାତ୍ର,ଚୌଦ୍ୱାର ଅବକାରୀ ଥାନାର ସହ ଉପ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁକାର, ନରସିଂହପୁର ଅବକାରୀ ଥାନା ପ୍ରମୁଖ ସାମିଲ ହୋଇଥିଲେ ।

## ମଦମୁକ୍ତ ଆନ୍ଦୋଳନ: ଅଣ୍ଟାଭିଡ଼ିଲେ ୨୩ଖଣ୍ଡ ଡଙ୍ଗରିଆ ଗ୍ରାମବାସୀ



ବିଷମ କଟକ: ବିଶାକ୍ତ ମଦ କବଳରେ କୁର୍ଲୀ ପଞ୍ଚାୟତକୁ ମୁକୁଳାଇବା ପାଇଁ ୨୩ଖଣ୍ଡ ଡଙ୍ଗରିଆ ଗାଁର ଲୋକ ଅଣ୍ଟାଭିଡ଼ିଛନ୍ତି। ଗୁରୁବାର ଏନେଇ କୁର୍ଲୀ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ବୈଠକରେ କୁର୍ଲୀ ସରପଂଚ ସୁବର୍ଦ୍ଧିନୀ ୱାଡକା ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ପଂଚାୟତକୁ ମଦମୁକ୍ତ ଅଂଚଳ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ୨୩ଖଣ୍ଡ ଗ୍ରାମର ଡଙ୍ଗରିଆ ପୁରୁଷ ମହିଳା ମାନେ ଯୋଗ ଦେଇଥିଲେ। ଆଖପାଖ ଅଂଚଳ ଯେଉଁ ସ୍ଥାନରେ ମଦବିକ୍ରି ହେଉଛି ଏବଂ ମଦ ରନ୍ଧା ହେଉଛି ସେ ସମସ୍ତ ଅଞ୍ଚଳକୁ ଯାଇ ସମସ୍ତ ମଦ ପୋଚ ସବୁକୁ ନଷ୍ଟ କରିବା ସହ ବିଶାକ୍ତ ମଦ ବ୍ୟବସାୟୀ ମାନଙ୍କୁ ପୁନର୍ବାର ଏ ଅଂଚଳରେ ମଦ ବିକ୍ରି ନ କରିବାକୁ ମତ ପ୍ରକାଶ ପାଇଥିଲା। କୁର୍ଲୀରେ ରହିଥିବା ବେଆଇନ୍ ମଦ ଭାଟିର ତାଲା ଭାଙ୍ଗି ପୋଚ, ମଦ ନଷ୍ଟ କରିଥିଲେ । ଅନ୍ୟୁନ ୨ହଜାରରୁ ଊର୍ଦ୍ଧ୍ୱ ମହୁଲ ଓ ସପୁରୀରୁ ପ୍ରସ୍ତୁତ ମଦ ଏବଂ ପୋଚ ନଷ୍ଟ କରିଛନ୍ତି । ନିଶା ମୁକ୍ତ ଆନ୍ଦୋଳନରେ କୁର୍ଲୀର ଶ୍ୟାମ ଜାକସିକା, ମାଣ୍ଡି କାଡ୍ରାକା, ନବଘନ ୱାଡକା, ଟୁନିଆ ଜାକସିକା, କୁଶ ୱାଡକା, ଗୋବର୍ଦ୍ଧନ ୱାଡକା ସମେତ ୨୩ ଖଣ୍ଡ ଗ୍ରାମର ଦିସାରୀ ଏ ଆନ୍ଦୋଳନର ଦାୟିତ୍ୱ ନେଇଛନ୍ତି।

## ବେଆଇନ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ: ୨ ଗିରଫ



ବୁଗୁଡ଼ା(ନିପ୍ର): ଏକ ଗୁପ୍ତ ସୂଚନା ଆଧାରରେ ବୁଗୁଡ଼ା ପୋଲିସ ଚଢ଼ାଉ କରି ଏକ ବେଆଇନ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି। ଚଢ଼ାଉ ସମୟରେ ବିପୁଳ ପରିମାଣର ଅସ୍ତ୍ର ତିଆରି ସାମଗ୍ରୀ, ଦୁଇଟି ଦେଶୀ ବନ୍ଧୁକ, ଅର୍ଦ୍ଧନିର୍ମିତ ବନ୍ଧୁକ ଏବଂ ବିଭିନ୍ନ ଯନ୍ତ୍ରପାତି ଜବତ ହୋଇଥିବା ସହ ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ପି ଜଡ଼ାପଲି ଗ୍ରାମର ସୁବାସ ଗମାଙ୍ଗ ଓ ବିଦୁ ଦଳବେହେରା,ଏ ନେଇ ବୁଗୁଡ଼ା ଥାନାରେ ୩୮୧/୨୬ରେ ଏକ ବେଆଇନ ଅସ୍ତ୍ରଶସ୍ତ୍ର ମାମଲା ରୁଜୁ ସହ ଏହି ଘଟଣା ପଛରେ ଆଉ କିଏ କିଏ ଜଡ଼ିତ ଅଛନ୍ତି ସେ ନେଇ ତଦନ୍ତ ଜାରି ରହିଥିବା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡ଼ଃ ଦୀପକ କୁମାର ମିଶ୍ର । ବୁଗୁଡ଼ା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ ଏହା ପୋଲିସର ଏକ ବଡ଼ ସଫଳତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଷ୍ଟୋର ରୁମ ତାଲା ଭାଙ୍ଗି ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଷ୍ଟୋର ରୁମ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଆଦିତ୍ୟ ନାରାୟଣ ପତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୩.୦୮.୨୦୨୬ ତାରିଖ ମଧ୍ୟରାତ୍ରିରେ ଅଭିଯୋଗକାରୀ ରଶ୍ମି ରଞ୍ଜନ ଜେନାଙ୍କ ସ୍ୱଶକ୍ତି ରେଫ୍ରିଜେରେସନ୍ ଅଫିସର ଷ୍ଟୋର ରୁମ୍ ତାଲା ଭାଙ୍ଗି ଏସି ମରାମତି ପାଇଁ ଉଦ୍ଦିଷ୍ଟ ଥିବା ଦୁଇ କଏଲ୍ ତମ୍ବା ପାଇପ୍ ଏବଂ ଗୋଟିଏ ବାକ୍ସ ଏଲବୋ ସକେଟ୍ ଚୋରି ହୋଇଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୮୦,୦୦୦/-ଟଙ୍କା। ଏଥିସହ ଅଫିସ୍ ପରିସରରେ ରଖାଯାଇଥିବା ଅଭିଯୋଗକାରୀଙ୍କ ହିରୋ ପ୍ୟାସନ୍ ମୋଟରସାଇକେଲ୍ ମଧ୍ୟ ସେଠାରେ ନଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡିଥିଲା ଯେ, ସେଠାରେ ରହି କାମ କରୁଥିବା ଦୁଇ ଜଣ କର୍ମଚାରୀ ପପୁ ଏବଂ ଆଦି ରାତି ଅଧରେ ଚୋରି ସାମଗ୍ରୀଗୁଡ଼ିକୁ ଏକ ବ୍ୟାଗରେ ପୂରାଇ ଉକ୍ତ ମୋଟରସାଇକେଲରେ ଧରି ଫେରାର ହୋଇଯାଇଛନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ କର୍ମଚାରୀ ଆଦିତ୍ୟ ନାରାୟଣ ପତି ଓରଫ ଆଦିକୁ କାବୁ କରିବାରେ ସଫଳ ହୋଇଛି। ପଚରାଉଚରା ବେଳେ ସେ ନିଜ ସହଯୋଗୀ ପପୁ ସହ ମିଶି ଏହି ଚୋରି ଯୋଜନା କରିଥିବା ସ୍ୱୀକାର କରିଛି। ତା' ନିକଟରୁ ଚୋରି ହୋଇଥିବା ହିରୋ ପ୍ୟାସନ୍ ମୋଟରସାଇକେଲ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ଏବଂ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ସିଏମଓରୁ ଫାଇଲ ହଜିବା ଘଟଣା ତଥ୍ୟ ନ ମିଳିବାରୁ ପୁଣି ନୋଟିସ୍ ଦେଇପାରେ କ୍ରାଇମବ୍ରାଞ୍ଚ

କଟକ(ନିପ୍ର): ସିଏମଓରୁ ତଦନ୍ତ କମିଶନଙ୍କ ଫାଇଲ ହଜିବା ଘଟଣାରେ ଏ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚକୁ ତଥ୍ୟ ମିଳିନାହିଁ । ଏ ନେଇ ସିଏମଓ , ଗୃହ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ତଥ୍ୟ ମଗାଯାଇଥିଲା । ତେବେ ଏ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମାଗିଥିବା ତଥ୍ୟ ମିଳି ନ ଥିବା ସୂଚନା ମିଳିଛି । ତେବେ ତଥ୍ୟ ପାଇଁ କ୍ରାଇମବ୍ରାଞ୍ଚ ସାନି ନୋଟିସ୍ କରିପାରେ ବୋଲି କୁହାଯାଉଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ଓ ଏହା ପରବର୍ତ୍ତୀ ଦଙ୍ଗା ସମ୍ପର୍କିତ ତଦନ୍ତ ରିପୋର୍ଟ ସିଏମଓରୁ ହଜିଯାଇଥିବା ନେଇ ଅଭିଯୋଗ ହୋଇଥିଲା । ପରେ ଏ ନେଇ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ମାମଲା ଦାଏର ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରୁଛି ।

## ଏସି କମ୍ପ୍ରେସର ଓ ପାଇପ ଚୋରି, ୪ ଗିରଫ

ଭୁବନେଶ୍ୱର(ନି.ପ୍ର): କିଟ୍ ୟୁନିଭର୍ସିଟିର ପ୍ରଫେସର ଅଭିଯୋଗକାରୀ ଡକ୍ଟର ସୁରେଶ କୁମାର ବର୍ମାଙ୍କ ଘରୁ ଏସି କମ୍ପ୍ରେସର ଓ ପାଇପ ଚୋରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକି ସ୍ୱାଇଁ, ରାଣା ରାୟ, ରାଧାକାନ୍ତ ମଣ୍ଡଳ ଓ ସେକ ରୋହେଲ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୬ ଓ ୨୭.୦୭.୨୦୨୬ ତାରିଖ ମଧ୍ୟରାତ୍ରି ପ୍ରାୟ ୨.୩୦ ରୁ ୩.୦୦ ମଧ୍ୟରେ ଅଭିଯୋଗକାରୀ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରୁ ଏସି କମ୍ପ୍ରେସର ଏବଂ କପର ପାଇପ୍ ଚୋରି କରି ନେଇଯାଇଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ଇନଫୋସିଟି ଥାନା ପୋଲିସ ଆଜି ଶିଖରଚଣ୍ଡୀ ନଗର ଛକ ନିକଟରୁ ଚୋରି ସାମଗ୍ରୀ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ମୁଖ୍ୟ ଅଭିଯୁକ୍ତ ବିକି ସ୍ୱାଇଁକୁ କାବୁ କରିଥିଲା। ତା'ଠାରୁ ଏକ ଭୋଲଟାସ ଏସି କମ୍ପ୍ରେସର ଏବଂ କପର ପାଇପ୍ ଜବତ କରାଯାଇଥିଲା। ପଚରାଉଚରା ବେଳେ ସେ ନିଜ ସହଯୋଗୀ ରଣା ରାୟ ଏବଂ ଜଣେ ନାବାଳକଙ୍କ ସହ ମିଶି ଏହି ଚୋରି କରିଥିବା ମାନିଥିଲା। ପୋଲିସ ତୁରନ୍ତ ତା'ର ସହଯୋଗୀମାନଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ମଧ୍ୟ ଚୋରି କପର ପାଇପ୍ ଜବତ କରିଛି। ସେମାନେ ପ୍ରଶାନ୍ତି ବିହାର ଏବଂ ଶିଖରଚଣ୍ଡୀ ଅଞ୍ଚଳରୁ ଏକାଧିକ ଏସି କମ୍ପ୍ରେସର ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରମାନଙ୍କ ଠାରୁ ଶସ୍ତାରେ ଚୋରି ସାମଗ୍ରୀ କିଣୁଥିବା ଅଭିଯୋଗରେ ପୋଲିସ ଦୁଇ ଜଣ କବାଡ଼ିଆ ଦୋକାନୀ ରାଧା କାନ୍ତ ମଣ୍ଡଳ ଏବଂ ସେକ୍ ସୋହେଲଙ୍କ ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ଚୋରି ହୋଇଥିବା ଲଏଡ୍ ଏବଂ ଭିଡିଓକନ୍ କମ୍ପାନୀର ଏସି କମ୍ପ୍ରେସର ସହ ଭଙ୍ଗା ତମ୍ବା ପାଇପ୍ ଉଦ୍ଧାର କରି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ସଙ୍ଗିନ ଚୋରି ମାମଲା ରହିଛି। ସଂଗୃହୀତ ପ୍ରମାଣ ଆଧାରରେ ଆଜି ଚାରି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ସମ୍ପୃକ୍ତ ନାବାଳକ ବିରୋଧରେ ଜୁଭେନାଇଲ୍ ଆଇନ ଅନୁଯାୟୀ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ରାସ୍ତାରେ ଆକ୍ରମଣ କରି ଲୁଟ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ରାସ୍ତାରେ ଅଟକାଇ ଆକ୍ରମଣ କରି ଲୁଟପାଟ କରିବା ମୈତ୍ରୀ ବିହାର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପରମା ରାଓ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ଅପରାହ୍ନ ପ୍ରାୟ ୨.୩୦ ସମୟରେ ଅଭିଯୋଗକାରୀ ଅଜିତ କୁମାର ଜେନା ନିଜ ଘରକୁ ଫେରୁଥିବା ବେଳେ ଜଗାବଳିଆ କ୍ଲବ ନିକଟରେ ଅଭିଯୁକ୍ତ ପରମା ରାଓ ଏବଂ ତାଙ୍କ ପୁଅ ପି. ପ୍ରକାଶ ରାଓ ତାଙ୍କୁ ବାଟରେ ଅଟକାଇଥିଲେ। ଅଭିଯୁକ୍ତ ପରମା ରାଓ ଏକ ଲୁହା ପଞ୍ଝା ଦେଖାଇ ତାଙ୍କୁ ଟଙ୍କା ଓ ଜିନିଷପତ୍ର ମାଗିବା ସହ ଧମକ ଦେଇଥିଲେ। ଅଭିଯୋଗକାରୀ ଭୟଭୀତ ହୋଇ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଧରିଥିଲେ। ପରମା ରାଓ ଉକ୍ତ ଲୁହା ପଞ୍ଝାରେ ଅଭିଯୋଗକାରୀଙ୍କ ମୁଣ୍ଡ ପଛପଟେ ଶକ୍ତ ଆଘାତ କରି ରକ୍ତାକ୍ତ କରିଦେଇଥିଲେ। ଏହି ଅସହାୟ ପରିସ୍ଥିତିର ସୁଯୋଗ ନେଇ ଉଭୟ ବାପା-ପୁଅ ଅଭିଯୋଗକାରୀଙ୍କ ବେକରୁ ୧୧ଗ୍ରାମର ସୁନା ଚେନ୍ ଏବଂ ପକେଟରୁ ୧୨,୫୦୦/- ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ପରମା ରାଓଙ୍କୁ କାବୁ କରିବାରେ ସଫଳ ହୋଇଛି। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଛି ଏବଂ ତା' ନିକଟରୁ ଲୁଟ୍ ହୋଇଥିବା ୧୧ ଗ୍ରାମର ସୁନା ଚେନ୍ ତଥା ୧୨,୫୦୦ ନଗଦ ଟଙ୍କା ଉଦ୍ଧାର କରି ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗିରଫ ଅଭିଯୁକ୍ତ ପରମା ରାଓ ଜଣେ ଦୁର୍ଦ୍ଦାନ୍ତ ତଥା ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ପୂର୍ବରୁ ରାଜଧାନୀର ବିଭିନ୍ନ ଥାନାରେ ହତ୍ୟା, ହତ୍ୟା ଉଦ୍ୟମ, ଦୁଷ୍କର୍ମ, ରାହାଜାନି, ସିନ୍ଧୀଚୋରି ଓ ଅସ୍ତ୍ରଶସ୍ତ୍ର ଆଇନ ଭଳି ୨୦ଟି ସଙ୍ଗିନ ମାମଲା ରହିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ଫେରାର ଥିବା ତାଙ୍କ ପୁଅକୁ ଧରିବା ପାଇଁ ପୋଲିସର ଚଢ଼ାଉ ଜାରି ରହିଛି।

## ପୂର୍ବତନ ସମିତିସଭ୍ୟଙ୍କୁ ଆକ୍ରମଣ ଘଟଣାରେ ପୋଲିସ ହାତ ଖାଲି !

ଭାପୁର(ନିପ୍ର): ଗତ ମଙ୍ଗଳବାର ଅପରାହ୍ନ ସମୟରେ ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଭୀମସେନ ସାମଲଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ୩ ଦିନ ବିତିଯାଇଥିଲେ ମଧ୍ୟ ଫତେଗଡ଼ ପୋଲିସ ଅପରାଧୀ ନିକଟରେ ପହଞ୍ଚିପାରି ନ ଥିବାରୁ ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି । ଘଟଣାରୁ ପ୍ରକାଶ, ଶ୍ରୀ ସାମଲ ନିଜ ଗ୍ରାମରୁ ବାଇକ ଯୋଗେ ଭାପୁର ଆସୁଥିବା ବେଳେ ରାକମା ଗ୍ରାମର ମହାଦେବଙ୍କ ପୋଖରୀ ରାସ୍ତାରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମୁଖା ବାନ୍ଧି ବୁଲେଟ ମଟର ସାଇକେଲରେ ଆସି ସାମଲଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ଶ୍ରୀ ସାମଲ ହାତ ଦେଖେଇ ଦେବାରୁ ଖଣ୍ଡା ଚୋଟ ହାତରେ ବାଜିବାରୁ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ଫତେଗଡ଼ ପୋଲିସ ଗୁରୁତର ସହ ବିଚାରକୁ ନେଇ ସିସି କ୍ୟାମେରା ଫୁଟେଜ ତଥା ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଚଲେଇଥିଲେ ମଧ୍ୟ ଆସାମୀଙ୍କ ପାଖରେ ପହଞ୍ଚିପାରି ନାହିଁ। ଏହି ଘଟଣା ଭାପୁର ବ୍ଲକ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଥିଲେ ମଧ୍ୟ ବର୍ତ୍ତମାନ ପ୍ରଶାସନିକ ସ୍ତରରେ ନିରବତାକୁ ନେଇ ବୁଦ୍ଧିଜୀବୀ ତଥା ଶିକ୍ଷାବିତମାନଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି। ପୋଲିସ ଏହି ଘଟଣାକୁ ତଦନ୍ତ ପରିସରକୁ ଆଣି ଅପରାଧୀ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ନାମ ଖୁଲାସା କରିବା ପାଇଁ ସାଧାରଣରେ ଦାବି ହୋଇଛି। ନଚେତ ଏହିପରି ଛୋଟଛୋଟ ହିଂସାରୁ ଆଗାମୀ ଦିନରେ ବଡ଼ ହିଂସା ନ ଉପୁଜିବ ତାହା କହିହେବ ନାହିଁ।

### ମୟୂରଭଞ୍ଜ ସିସିବିରେ ୬୪.୪୨ ଲକ୍ଷ ଟଙ୍କାର ହେରଫେର

## ପୂର୍ବତନ ମ୍ୟାନେଜରଙ୍କ ସହ କିରାଣୀ ଗିରଫ





ବାରିପଦା: ମୟୂରଭଞ୍ଜ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ (ଏମସିସିବି) ବ୍ୟାଙ୍କର ବାହଳଦା ଶାଖାରେ ହୋଇଥିବା ପ୍ରାୟ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ବାରିପଦା ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଶାଖାର ପୂର୍ବତନ ମ୍ୟାନେଜର ଡିରେନ୍ କୁମାର ମିଶ୍ର ଓ ପ୍ରାକ୍ତନ କିରାଣୀ ମଳୟ କୁମାର ଦତ୍ତ। ୨୦୧୯ରୁ ୨୦୨୪ ମସିହା ମଧ୍ୟରେ ଅଭିଯୁକ୍ତମାନେ ବ୍ୟାଙ୍କର ଅନ୍ୟ ୩ଜଣ ସହଯୋଗୀ କର୍ମଚାରୀଙ୍କ ସହ ମିଶି ଜାଲିଆତି କରିଥିଲେ। ଗ୍ରାହକମାନଙ୍କ ଅଜାଣତରେ ଓ ବିନା ସମ୍ମତିରେ ସେମାନଙ୍କର ୨୯ଟି ଅସଲି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ବିପରୀତରେ କାଗଜପତ୍ର ଜାଲିଆତି କରି ନକଲି 'ଲୋନ' ଆକାଉଣ୍ଟ ଖୋଲିଥିଲେ। ଏହି ଚଞ୍ଚକତା ମାଧ୍ୟମରେ ଅଭିଯୁକ୍ତମାନେ ସମୁଦାୟ ୬୪,୪୨,୦୭୪ ଟଙ୍କା ହଡ଼ପ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିଲେ। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୦୫.୦୮.୨୦୨୬ ତାରିଖରେ ମାମଲା ନଂ-୧୪ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ୍, ୨୦୧୮ ର ଧାରା ୧୩(୨) ସ୍ୱାଙ୍ଗ ୧୩(୧)(ବ) ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ର ୪୦୯/୧୨୦-ବି ଦଫାରେ ଏହି କେସ୍ ଦାୟର ହୋଇଥିବା ଅରୁଣ କୁମାର ନାୟକ, ଏସ୍‌ପି ଭିଜିଲାନ୍ସ, ବାଲେଶ୍ୱର କହିଛନ୍ତି।

### ପଟ୍ଟନାୟକ ଟ୍ୟାଙ୍କ ପୁନରୁଦ୍ଧାର ପ୍ରକଳ୍ପ

## ୫୫ ଲକ୍ଷ ହେରଫେର ମାମଲାରେ ୩ ଗିରଫ

କଟକ(ନିପ୍ର): ପାରଳାଖେମୁଣ୍ଡି ସ୍ଥିତ ପଟ୍ଟନାୟକ ଟ୍ୟାଙ୍କ ପୁନରୁଦ୍ଧାର ଓ ସଂସ୍କାର ପ୍ରକଳ୍ପରେ ୫୫ଲକ୍ଷ ୬୯ ହଜାର ଟଙ୍କା ଅନିୟମିତତା ମାମଲାରେ ୩ ଜଣଙ୍କୁ ଗିରଫ କଲା ଭିଜିଲାନ୍ସ । ପୂର୍ବତନ କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିର, ମ୍ୟୁନିସିପାଲ ଇଞ୍ଜିନିୟର ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି । ୨୦୧୯ରୁ ୨୦୨୨ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମୟରେ ମେଜରମେଣ୍ଟ ବୁକ୍‌ରେ ଜାଣିଶୁଣି ମିଥ୍ୟା ତଥ୍ୟ ଦର୍ଶାଯାଇଥିଲା । ବାସ୍ତବରେ କାମ ନ ହୋଇଥିବା କିମ୍ବା ନିମ୍ନମାନର କାମକୁ ସଠିକ୍ ବୋଲି ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିଲା। ପୂର୍ବତନ କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିର ମିଥ୍ୟା ମାପ ରେକର୍ଡ କରିଥିବା ବେଳେ ମ୍ୟୁନିସିପାଲ ଇଞ୍ଜିନିୟର ସଞ୍ଜୀବ ଚମ୍ପତି ତାହାକୁ ଯାଞ୍ଚ କରି ସଠିକ୍ ବୋଲି ପ୍ରମାଣିତ କରିଥିଲେ । ଏହାକୁ ଆଧାର କରି ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ୩ଟି ଆରଏ ବିଲ୍ ମାଧ୍ୟମରେ ମୋଟ ୧ କୋଟି ୨୨ ଲକ୍ଷ ୪୦ ହଜାର ୭୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଓଡ଼ିଶା ଭିଜିଲାନ୍ସର ବୈଷୟିକ ଟିମ ଯାଞ୍ଚରେ ପ୍ରକଳ୍ପରେ ୫୫ ଲକ୍ଷ ୬୯ ହଜାର ୩୩ ଟଙ୍କା ମୂଲ୍ୟର କାମ ନିମ୍ନମାନର କିମ୍ବା କମ୍ ପରିମାଣରେ ହୋଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ରାଜକୋଷକୁ ସିଧାସଳଖ କ୍ଷତି ପହଞ୍ଚିଛି । ଏହି ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି । ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ଏ) ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୦-ବି, ୪୦୯, ୪୨୦, ୪୬୮, ୪୭୧ ଓ ୪୭୭-ଏ ଅନୁଯାୟୀ ତିନି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି

## ଶ୍ରାବଣୀ ଯାତ୍ରା ଅବସରରେ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ଉପରେ କଟକଣା

କଟକ(ନିପ୍ର): ପବିତ୍ର ସିଂହନାଥ ପୀଠରେ ହେଉଥିବା ଶ୍ରାବଣୀ ଯାତ୍ରା ତଥା ବୋଲବମ୍ ଯାତ୍ରା ଅବସରରେ ବିପୁଳ ସଂଖ୍ୟାରେ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯାନବାହନ ଚଳାଚଳ ଉପରେ ସ୍ୱତନ୍ତ୍ର କଟକଣା ଜାରି କରାଯାଇଛି। ଜିଲ୍ଲାପାଳ ତଥା ଆଞ୍ଚଳିକ ସଡକ ପରିବହନ କର୍ତ୍ତୃପକ୍ଷ, ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଅର୍ଥାତ ଅଗଷ୍ଟ ୧୦ ପାଇଁ ୦୯ ଅଗଷ୍ଟ ମଧ୍ୟାହ୍ନ ୧୨ଟା ଠାରୁ ୧୦ ଅଗଷ୍ଟ ସନ୍ଧ୍ୟା ୬ଟା , ଅଗଷ୍ଟ ୧୭ ପାଇଁ ୧୬ ଅଗଷ୍ଟ ମଧ୍ୟାହ୍ନ ୧୨ଟାଠାରୁ ୧୭ ଅଗଷ୍ଟ ସନ୍ଧ୍ୟା ୬ଟା ଏବଂ ଅଗଷ୍ଟ ୨୪ ପାଇଁ ୨୩ ଅଗଷ୍ଟ ମଧ୍ୟାହ୍ନ ୧୨ଟା ଠାରୁ ୨୪ ଅଗଷ୍ଟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଡମ୍ବା - ବଇଦେଶ୍ୱର ସଂଯୋଗ କରୁଥିବା ସମ୍ପୂର୍ଣ୍ଣ ଟି-ବ୍ରିଜ୍‌କୁ 'ନୋ ଭେଇକିଲ୍ ଜୋନ୍' ଭାବେ ଘୋଷଣା କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ-ବଇଦେଶ୍ୱର ରାସ୍ତାର ବଇଦେଶ୍ୱର ଛକରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନଗୁଡ଼ିକୁ ଏହି କଟକଣା ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧାଜନକ ଦର୍ଶନ ବ୍ୟବସ୍ଥା ଏବଂ ଯାତାୟାତକୁ ସୁପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

